## ମଦ କାରବାର ବିରୋଧରେ ମହିଳାଙ୍କ ଆନ୍ଦୋଳନ

# ଏକାଧିକ ମଦ ପେଟି ଜବତ୍

ବ୍ରହ୍ମବରଦା, ୨୨।୫(ସମିସ)

ବ୍ରହ୍ମବରଦା ଥାନା ଅଞ୍ଚଳରେ ଦିନକୁ ଦିନ ଧରି ଚୋରା ମଦ ଖୁଲମ୍‌ଖୋଲା ଭାବେ ବିକ୍ରି ହେଉଛି। ଜନସାଧାରଣ ବ୍ରହ୍ମବରଦା ଥାନା କିମ୍ବା ଅବକାରୀ ବିଭାଗକୁ ବାରମ୍ବାର ଅଭିଯୋଗ କଲା ପରେ ବି ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଛନ୍ତି। ଅର୍ଥଙ୍ଗା ପଞ୍ଚାୟତର ଅର୍ଥଙ୍ଗା ଗ୍ରାମର ଦଳିତ ସାହିରେ ଦୀର୍ଘଦିନ ଧରି ବେଆଇନ ଭାବେ ମଦ, ମୋହୁଲି ଓ ହାଣ୍ଡିଆ ବ୍ୟବସାୟ ଚାଲୁଥିବା ଅଭିଯୋଗକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ରାମର ୫/୬ଟି ସ୍ଥାନରେ ଏହି ବେଆଇନ କାରବାର ଚାଲୁଥିବା ବେଳେ ଏହାର କୁପ୍ରଭାବରେ ପିଲାଠାରୁ ଯୁବକ ପର୍ଯ୍ୟନ୍ତ ଅନେକ ମଦ୍ୟପାନରେ ଆସକ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପାଇଁ ଅନେକ ପରିବାରରେ ଅଶାନ୍ତି ସୃଷ୍ଟି ହେବା ସହ ଆର୍ଥିକ କ୍ଷତି ମଧ୍ୟ ଘଟୁଥିବା କୁହାଯାଇଛି। ଘଟଣାକୁ ନେଇ ଆଜି ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଏକତ୍ରିତ ହୋଇ ବେଆଇନ ମଦ କାରବାର ବନ୍ଦ କରିବାକୁ ଅଭିଯାନ ଆରମ୍ଭ କରିଥିଲେ। ସେମାନେ ସମ୍ପୃକ୍ତ ବ୍ୟବସାୟୀମାନଙ୍କ ଘରକୁ ଘର ଯାଇ ଏପରି କାରବାର ବନ୍ଦ କରିବାକୁ ବୁଝାଉଥବା ବେଳେ ସେମାନଙ୍କ ପାଖରେ ଥିବା ମାଦକ ସାମଗ୍ରୀ ଗୁଡିକୁ ବିକ୍ରି ନ କରିବାକୁ କହି ମହିଳା ମାନେ ନିଜ ଆୟତକୁ ନେଇଥିଲେ। ଏହି ସମୟରେ ବ୍ରହ୍ମବରଦା ହାଟ ସ୍ଥିତ ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ଦୋକାନରୁ ଦୁଇ ଯୁବକ ଏକାଧିକ ପେଟି ମଦ ନେଇ ସମ୍ପୃକ୍ତ ବ୍ୟବସାୟୀ ମାନଙ୍କ ନିକଟକୁ ଯାଉଥିବା ବେଳେ ମହିଳାମାନଙ୍କ ହାତରେ ଧରାପଡ଼ିଥିଲେ। ଫଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ମହିଳାମାନେ ଉକ୍ତ ଯୁବକଙ୍କ ସହିତ ମଦ ପେଟିକୁ ଜବତ କରି ଗ୍ରାମର ଠାକୁର ଘରେ ଅଟକ ରଖିଥିଲେ। ତେବେ ସୁଯୋଗ ଦେଖି ଯୁବକ ଦ୍ୱୟ ସେଠାରୁ ଖସି ପଳାଇଥିବା ବେଳେ ଖବର ପାଇ ବ୍ରହ୍ମବରଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହିତ ଜବତ ମଦକୁ ନିଜ ହେପାଜତକୁ ନେବାକୁ ଉଦ୍ୟମ କରିଥିଲା। କିନ୍ତୁ ଗ୍ରାମବାସୀ ପୁଲିସ ଉପରେ ଭରସା ପ୍ରକାଶ କରିନଥିବା ବେଳେ ମଦ ହସ୍ତାନ୍ତର କରି ନ ଥିବା ଜଣାପଡ଼ିଛି। ତେବେ ସନ୍ଧ୍ୟାରେ ଏନେଇ ଗ୍ରାମବାସୀ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବେ ବୋଲି ସୂଚନା ମିଳିଛି।



## ଶେଖ ସଂନୱାର ସାମ୍ବାଦିକ ୟୁନିଅନ ସଭାପତି



ବିଞ୍ଝାରପୁର, ୨୨।୫(ସମିସ): ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ଆୟୋଜିତ ବୈଠକରେ ସର୍ବସମ୍ମତିକ୍ରମେ ଶେଖ ସଂନୱାର (ସୋନୁ)ଙ୍କୁ ସଂଗଠନର ନୂତନ ସଭାପତି ଭାବେ ଚୟନ କରାଯାଇଛି। ବୈଠକରେ ସଂଗଠନର ସୁଦୃଢୀକରଣ, ସାମ୍ବାଦିକମାନଙ୍କ ବୃତ୍ତିଗତ ସମସ୍ୟା ଏବଂ ଆଗାମୀ କାର୍ଯ୍ୟ ଯୋଜନା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ନବନିର୍ବାଚିତ ସଭାପତି ଶେଖ ସଂନୱାର କହିଥିଲେ ଯେ, ସମସ୍ତ ସାମ୍ବାଦିକଙ୍କୁ ସାଥିରେ ନେଇ ସଂଗଠନକୁ ଆହୁରି ସକ୍ରିୟ ଓ ସୁଦୃଢ କରିବା ସହ ସାମ୍ବାଦିକମାନଙ୍କ ନ୍ୟାୟସଙ୍ଗତ ସ୍ୱାର୍ଥ ସୁରକ୍ଷା ପାଇଁ କାର୍ଯ୍ୟ କରାଯିବ। ନୂତନ ନେତୃତ୍ୱରେ ୟୁନିଅନର କାର୍ଯ୍ୟକଳାପ ଆହୁରି ସକ୍ରିୟ ହେବ ବୋଲି ସଦସ୍ୟମାନେ ଆଶା ପ୍ରକାଶ କରିଛନ୍ତି।

## ଟ୍ରକ୍ ପଛ ପଟୁ ପିଟିଲା ଟ୍ରାଭେଲର

କୁଆଖିଆ, ୨୨।୫(ସମିସ): ଜାତୀୟ ରାଜପଥରେ ବେଆଇନ ପାର୍କିଂ ଯୋଗୁଁ ଦୁର୍ଘଟଣା। ମା' ତାରିଣୀଙ୍କ ଦର୍ଶନ ପାଇଁ ଯିବା ସମୟରେ ଘଟିଛି ଅଘଟଣ। ଟ୍ରକ ପଛ ପଟୁ ପିଟିଲା ଟ୍ରାଭେଲର। ୧୦ରୁ ଅଧିକ ଯାତ୍ରୀ ଆହତ। କୁଆଖିଆ ଥାନା ୧୬ନଂ ଜାତୀୟ ରାଜପଥ କୁଆଖିଆ ଓଭର ବ୍ରିଜ ନିକଟରେ ଆଜି ଭୋର ସମୟରେ ଘଟିଛି ଏହି ଦୁର୍ଘଟଣା। ସୂଚନା ମୁତାବକ ଏକ ଟ୍ରାଭେଲରରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ରଘୁନାଥପଲ୍ଲୀ ଅଞ୍ଚଳରୁ ବାହାରି ତାରିଣୀ ଦର୍ଶନ ଅଭିମୁଖେ ଯାଉଥିଲେ। ତେବେ ଜାତୀୟ ରାଜପଥ ଉପରେ ପୂର୍ବରୁ ଛିଡା ହୋଇଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ଏହି ଦୁର୍ଘଟଣାରେ ଆହତ ହୋଇଥିବା ୧୦ରୁ ଅଧିକ ଯାତ୍ରୀଙ୍କୁ ଚିକିତ୍ସା ନିମନ୍ତେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ କୁଆଖିଆ ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ପୁରୁଣା ମାମଲାରେ ମହିଳା ଗିରଫ

କୟାଁଗୋଲା, ୨୨।୫(ସମିସ): ମଙ୍ଗଳପୁର ପୁଲିସ ଆଜି ଏକ ପୁରୁଣା ୱାରେଣ୍ଟ ବଳରେ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୨୦୧୫ ମସିହାର ମାମଲାରେ ଦୀର୍ଘ ଦିନ ଧରି ଫେରାର ଥିବା ଅଭିଯୁକ୍ତାଙ୍କୁ ଧରିବାରେ ପୁଲିସ ସଫଳ ହୋଇଛି। ମଙ୍ଗଳପୁର ଥାନା ପୁଲିସ ଆଜି ଏକ ପୁରୁଣା ୱାରେଣ୍ଟ ଆଧାରରେ ନାରୀଗାଁ ଅଞ୍ଚଳର ସୁଲୋଚନା ମଲ୍ଲିକ ନାମକ ଜଣେ ୩୮ ବର୍ଷୀୟା ମହିଳାଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ସୁଲୋଚନା ମଲ୍ଲିକଙ୍କ ବିରୋଧରେ ଥାନାରେ ସିଟି ନମ୍ବର ୧/୨୦୧୫ ମାମଲା ରୁଜୁ ହୋଇଥିଲା। ଦୀର୍ଘ ଦିନ ଧରି ସେ ପୁଲିସକୁ ଚକମା ଦେଇ ଫେରାର ଥିଲେ। ଗିରଫ ପରେ ପୁଲିସ ଅଭିଯୁକ୍ତାଙ୍କୁ ଆଜି କୋର୍ଟଚାଲାଣ କରିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ, ପୁରୁଣା ୱାରେଣ୍ଟ ଗୁଡିକର ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଏଭଳି ଅଭିଯାନ ଜାରି ରହିବ। କୋର୍ଟଙ୍କ ଦ୍ୱାରା ଜାରି ହୋଇଥିବା ୱାରେଣ୍ଟ ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥାଏ। ମାମଲା ଦୀର୍ଘ ଦିନ ଧରି ବିଚାରାଧୀନ ଥିବାରୁ ଏବଂ ଅଭିଯୁକ୍ତା ଫେରାର ଥିବାରୁ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ କରିଛି। ଏ ନେଇ ଥାନା ଅଧିକାରୀ ରଞ୍ଜନ କୁମାର ବେହେରା ପ୍ରକାଶ କରିଛନ୍ତି।

## ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ

କୋରେଇ, ୨୨।୫(ସମିସ): କୋରେଇ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ତାରାକୋଟ ଆଥଲେଟିକ ଆସୋସିଏସନ ଗୃହରେ ବ୍ଲକ ସଭାପତି ହରେକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ମାଗୁଣି ଜେନା, ଜିଲ୍ଲା ସମ୍ପାଦକ ସୁଶାନ୍ତ ମିଶ୍ର, ବ୍ଲକ ଦଳିତ ସେଲ ସଭାପତି ଶ୍ୟାମ ସୁନ୍ଦର ଜେନା, ଏସସି ସେଲ ଜିଲ୍ଲା ଉପସଭାପତି ପରୀକ୍ଷିତ ମଲ୍ଲିକ, ବ୍ଲକ ସଂଗଠନ ସମ୍ପାଦକ ନିରଞ୍ଜନ ନାୟକ, ଦଳିତ ନେତା ବାବୁଲି ପେରେଇ, ମଦନ ମଲ୍ଲିକ, ହଳଦିଗଡ଼ିଆ ପଞ୍ଚାୟତ ସଭାପତି ପୁରସ୍ତମ ବିଶ୍ୱାଳ, ତାରାକୋଟ ପଞ୍ଚାୟତ ସଭାପତି ଜନାର୍ଦ୍ଦନ କର, ଉମାକାନ୍ତ ବେହେରା, ରଘୁନାଥ ଜେନା, ସୁଧୀର ମହାନ୍ତି, ସଦାଶିବ ରାଉତ, ପୁରସ୍ତମ ମାଝୀ, ଅମୃତିଆ ପଞ୍ଚାୟତ ସଭାପତି ଉପେନ୍ଦ୍ର ମିଶ୍ର, ଅବଦୁଲ ଆଦାଦ ଖାଁ, ହେମାଉଦ୍ଦିନ, ପୁରସ୍ତମ ସାହୁ, ଗୋବିନ୍ଦ ଚନ୍ଦ୍ର ଶତପଥୀ, ଅରୁଣ ସିହ୍ନା, ସାଧୁଚରଣ ବେହେରା, ଭାଗିରଥି ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଚାରାରୋପଣ



ଦାନଗଦି, ୨୨।୫(ସମିସ): ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଅବସରରେ ଶୁକ୍ରବାର ଦିନ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଏହାର କାରଖାନା ପରିସରର ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ କର୍ମଚାରୀ ଏବଂ ଠିକା କର୍ମଚାରୀମାନଙ୍କ ସମେତ ୨୦୦ରୁ ଅଧିକ ଲୋକ ସାମିଲ ହୋଇ ବିଭିନ୍ନ ପ୍ରଜାତିର ୫୦୦ରୁ ଅଧିକ ଦେଶୀ କିସମର ଚାରାରୋପଣ କରିଥିଲେ। ଟାଟାଷ୍ଟିଲ୍ କଳିଙ୍ଗନଗରର ପରିବେଶ ବିଭାଗ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳର ପ୍ରକୃତି ଓ ପରିବେଶକୁ ସୁରକ୍ଷିତ ରଖିବା ସହ ଜୈବ ବିବିଧତାକୁ ବୃଦ୍ଧି କରିବା ପାଇଁ କମ୍ପାନୀ ଯେଉଁ ବଡ଼ ଯୋଜନା କରିଛ। ନିଜର କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀମାନଙ୍କୁ ଏଥିରେ ସାମିଲ କରି ଟାଟା ଷ୍ଟିଲ୍ କଳିଙ୍ଗନଗର ପ୍ରକୃତି ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପ୍ରକ୍ରିୟାକୁ ଜାରି ରଖିଛି।

## ଖରସ୍ରୋତାରେ ବୁଡ଼ି ନାବାଳକ ମୃତ

● ବାପା ସହ ଗାଧୋଇ ଯାଇଥିଲା ପୁଅ

ବିଞ୍ଝାରପୁର, ୨୨।୫(ସମିସ): ଖରସ୍ରୋତା ନଦୀକୁ ବାପାଙ୍କ ସହ ଗାଧୋଇ ଯାଇଥିବା ୧୦ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ଘଟିଛି। ଘଟଣା ମୁତାବକ ପ୍ରସନ୍ନଜିତ ରାଉତରାୟଙ୍କ ପରିବାର ଯାଜପୁର ରୋଡ୍‌ରେ ରହୁଥିବା ବେଳେ କିଛି ଦିନ ହେବ ଖରାଛୁଟି କାଟିବା ପାଇଁ ବିଞ୍ଝାରପୁର ଥାନା ଅନ୍ତର୍ଗତ ଓଲେଇଚନ୍ଦନପୁର ଗ୍ରାମକୁ ଆସିଥିଲେ। ହେଲେ ପ୍ରସନ୍ନଜିତ ଶୁକ୍ରବାର ମଧ୍ୟାହ୍ନରେ ନିଜ ନାବାଳକ ପୁଅ ଶୁଭଙ୍କର ଓରଫ ଋଷି (୧୦)କୁ ନେଇ ଘର ନିକଟସ୍ଥ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉ ଥିବା ବେଳେ ଦୁର୍ଭାଗ୍ୟ ବଶତଃ ନଦୀରେ ଋଷି ବୁଡ଼ି ଯାଇଥିଲେ। ଏହି ସମୟରେ ସେଠାରେ ଗାଧୋଉ ଥିବା ଗ୍ରାମବାସୀ ତୁରନ୍ତ ଋଷିଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଚିକିତ୍ସକ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାର ଖବର ପାଇ ବିଞ୍ଝାରପୁର ପୁଲିସ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଋଷିଙ୍କ ମୃତଦେହ ଜବତ କରିବା ସହ ଏକ ମାମଲା ୧୨/୨୬ରେ ରୁଜୁ କରି ବ୍ୟବଚ୍ଛେଦ ପାଇଁ ମୃତଦେହ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ବଡ଼ଚଣା ବିଜେଡି ବ୍ଲକ କମିଟି ଘୋଷଣା

ବଡ଼ଚଣା, ୨୨।୫(ସମିସ): ବଡ଼ଚଣା ବ୍ଲକ ବିଜୁ ଜନତା ଦଳର ସଭାପତି ତାପସ ଚନ୍ଦ୍ର ରାୟଙ୍କ ସୁପାରିସ କ୍ରମେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ବିଧିବଦ୍ଧ ଭାବେ ନୂତନ ବ୍ଲକ କମିଟି ଘୋଷଣା କରିଛନ୍ତି। ଉକ୍ତ କମିଟିରେ ଉପସଭାପତି ଭାବେ ଗଗନ ବିହାରୀ ସ୍ୱାଇଁ, ଧୁଳେଶ୍ୱର ଦାସ, ଜଗନ୍ନାଥ ମୁଦୁଲିଙ୍କ ନାମ ସ୍ଥାନ ପାଇଛି। ସାଧାରଣ ସମ୍ପାଦକ ଭାବରେ ଦେବେନ୍ଦ୍ର ଜେନା, ଜୟନ୍ତୀ ସ୍ୱାଇଁ, ନିଳକଣ୍ଠ ବରାଳ, ସତ୍ୟ ପ୍ରକାଶ ଦାସ ଓ ଶ୍ରୀକାନ୍ତ ସାମଲଙ୍କ ନାମ ସ୍ଥାନ ପାଇଛି। ସେହିପରି ସମ୍ପାଦକ ଭାବେ ବରଦା ପ୍ରସାଦ ରାୟ, ଅଶୋକ ଜେନା, ସୁଶାନ୍ତ ନାୟକ, କିଶୋର ମହାନ୍ତି, ପ୍ରହଲ୍ଲାଦ ବାରିକ, ଦୀପକ ମହାପାତ୍ର, ଅନନ୍ତ କିଶୋର ଦାସଙ୍କ ନାମ ସ୍ଥାନ ପାଇଛି। କୁଳମଣି ବାରିକଙ୍କୁ କୋଷାଧକ୍ଷ ଭାବେ ନିଯୁକ୍ତ କରାଯାଇଛି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପ୍ରହଲ୍ଲାଦ ନନ୍ଦ ଓ ଚିତ୍ତ ରଞ୍ଜନ ମହାପାତ୍ର, କୈଳାସ ଚନ୍ଦ୍ର ରାଉତ, ଗଣେଶ୍ୱର ସାମଲ, ମାନଗୋବିନ୍ଦ ସେଠୀ, ଉମେଶ ଚନ୍ଦ୍ର ସାମଲ, ବିଚିତ୍ରାନନ୍ଦ ଜେନା, ସୁକ୍ରମଣି ପୂର୍ତ୍ତି, ଇତିଶ୍ରୀ ସାମଲ, ମଦନ ମୋହନ ବଳ, ନିତ୍ୟାନନ୍ଦ ନାୟକ, ଅଜୟ କୁମାର ସାମଲଙ୍କ ନାମ ସ୍ଥାନ ପାଇଛି। ବ୍ଲକ ସୋସିଆଲ ମିଡିଆର ସଂଯୋଜକ ଭାବେ ଦୀପ୍ତି ରଞ୍ଜନ ସାମଲଙ୍କ ନାମ ସ୍ଥାନ ପାଇଛି। ବଡ଼ଚଣା ବିଜେଡ଼ି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଇଦ୍-ଉଲ-ଜୁହା ପର୍ବ ପାଇଁ ପ୍ରସ୍ତୁତି ବୈଠକ

ବାଲିଚନ୍ଦ୍ରପୁର, ୨୨।୫(ସମିସ): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ୬ଗୋଟି ପଞ୍ଚାୟତରେ ଥିବା ସଂଖ୍ୟାଲଘୁ ମୁରବିମାନଙ୍କୁ ନେଇ ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ବୈଠକ ଥାନା ପରିସରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୮ ତାରିଖ ଗୁରୁବାର ପଡୁଥିବା ଇଦ୍-ଉଲ୍ ଜୁହା ପର୍ବ ପାଇଁ ଅନୁଷ୍ଠିତ ବୈଠକରେ ଚାରିନଙ୍ଗଳ, ନଳୀପୁର, ବିକ୍ରମତିରଣ, ପତରାଜପୁର, କଳାଶ୍ରୀ ଗୋପାଳପୁର, ପଣସୁଦା ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର ମୁରବି ମାନେ ଯୋଗ ଦେଇଥିଲେ। ଏହି ପର୍ବକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ପାଇଁ ଥାନା ଅଧିକାରୀ ଶ୍ରୀଯୁକ୍ତ ମହାନ୍ତି ଉପସ୍ଥିତ ସମସ୍ତ ମୁରବିମାନଙ୍କର ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନୀ, ଚାରିନଙ୍ଗଳ ସରପଞ୍ଚଙ୍କ ପ୍ରତିନିଧି ଗୋଲାମ କିବରିୟା ଖାଁ, ସେକ୍ ମୋଇନ ଅହମଦ, ଇଦ୍ଗା କମିଟି ସମ୍ପାଦକ ରସିକୁଦ୍ଦିନ ଖାଁ, ସେକ୍ ରିୟାସତ ଅଲ୍ଲୀ, ହିବଜୁର ରହେମାନ, ସେକ ଇକବାଲ ହୁସେନ, ସେକ ଆଲ୍ଲାଉଦ୍ଦିନ, କୁତୁବୁଦିନ ଖାଁ. ସୁଲତାନ ସଇଫୁଲା ଖାଁ. ରହେମତ ଅଲ୍ଲୀ, ସେକ୍ ଯାଉଲା ଓ ଆରସଦ ଅହମଦ ପ୍ରମୁଖ ଯୋଗ ଦେଇଥିଲେ।

## ରାସ୍ତା ସମ୍ପ୍ରସାରଣ ଏବଂ ଉନ୍ନତୀକରଣ ଶିଳାନ୍ୟାସ



କବାଟବନ୍ଧ, ୨୨।୫(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ୧୧ ନମ୍ବର ଜିଲ୍ଲା ପରିଷଦ ଜୋନ ଅଞ୍ଚଳରେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ସମ୍ପ୍ରସାରଣ ଏବଂ ଉନ୍ନତୀକରଣ ଶିଳାନ୍ୟାସ ହୋଇଛି। ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଠାରୁ ରେଖିଦେଇପୁର ରାସ୍ତାର ଏଣ୍ଡଳବା ପଞ୍ଚାୟତ ପୋଟୁଅ ଠାରୁ ଅଞ୍ଜିରା ପଞ୍ଚାୟତ ମହୁଲଖୋଳି ପର୍ଯ୍ୟନ୍ତ ଏହି ରାସ୍ତାକୁ ଶୁକ୍ରବାର ଅପରାହ୍ନରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଶିଳାନ୍ୟାସ କରିଥିଲେ। ପୋଟୁଅ ଠାରୁ ମହୁଲଖୋଲ ପର୍ଯ୍ୟନ୍ତ ୪ କିମି ଲମ୍ବା ଏହି ରାସ୍ତାରେ ଉଭୟ ପିଚୁ ଏବଂ କଂକ୍ରିଟ ନିର୍ମାଣ ହେବ। ମୋଟ ୪ କିମି ରାସ୍ତା ମଧ୍ୟରୁ ୩.୦୭୦ କିମି ପିଚୁ ରାସ୍ତା ଏବଂ ୯.୩୦ ମିଟର କଂକ୍ରିଟ ରାସ୍ତା ନିର୍ମାଣ ହେବ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ୧୧ ନମ୍ବର ଜୋନ ମଣ୍ଡଳ ସଭାପତି ନେତ୍ରାନନ୍ଦ ପାତ୍ର, ୧୩ ନମ୍ବର ଜୋନ ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ତାଳଜଙ୍ଗ ପଞ୍ଚାୟତ ସରପଞ୍ଚ ବିପିନ ସେଠୀ, ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ ଉପାଧକ୍ଷା, ଯୁବ ନେତା ଟିଙ୍କୁ ଜେନା, ଦିବ୍ୟରଞ୍ଜନ ବାରିକ, ସ୍ମୃତି ରଞ୍ଜନ ଧୀରଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ ର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବଗିରିଆ ସେବା ସମବାୟ ସମିତିକୁ ନେଇ ଅସନ୍ତୋଷ

ପାଣିକୋଇଲି, ୨୨।୫(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ବଗିରିଆ ପ୍ରାଥମିକ କୃଷି ସମବାୟ ସମିତର ପୂର୍ବତନ ସମ୍ପାଦକ ସୁଦର୍ଶନ ମଲ୍ଲିକ ତଞ୍ଚକତା କରି ତାଙ୍କ ପୁଅ ଦେବାଶିଷ ମଲ୍ଲିକଙ୍କୁ ସହସମ୍ପାଦକ ନିଯୁକ୍ତି ମାମଲାର ଭିନ୍ନ ମୋଡ଼ ନେଇଛି। ବୋର୍ଡ ସଦସ୍ୟମାନେ ଜିଲ୍ଲାପାଳ ଓ ଡିଆରସିଏସ୍‌ଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶଯେ ଗତ ଏପ୍ରିଲ ୩୦ ତାରିଖ ସମ୍ପାଦକ ଶ୍ରୀ ମଲ୍ଲିକ ତାଙ୍କ ପଦବୀରୁ ଅବସର ଗ୍ରହଣ କରିଛନ୍ତି। କିନ୍ତୁ ଅବସର ପୂର୍ବରୁ ନିଜ ପୁତ୍ରକୁ ବଗିରିଆ ପାକ୍ସରେ ଜାଲିଆତି କରି ସହ ସମ୍ପାଦକ ଭାବେ ନିଯୁକ୍ତି କରିଥିଲେ। ଏହାର ପ୍ରତିବାଦ କରି ବୋର୍ଡ ସଦସ୍ୟମାନେ ଅଭିଯୋଗ କରିଥିଲେ। ଗତ ଏପ୍ରିଲ ୨୪ ତାରିଖ ଅଭିଯୋଗ ପରେ ଗତ ମେ' ୮ ତାରିଖ ଯୁଗ୍ମ ନିବନ୍ଧକଙ୍କ ଦ୍ୱାରା ଏହାର ତଦନ୍ତ କରାଯାଇଥିବା ବେଳେ ସମ୍ପାଦକଙ୍କ ଜାଲିଆତି ଓ କଳା କାର୍ଯ୍ୟ ଧରାପଡ଼ିବା ଭୟରେ କିଛି ସମର୍ଥକଙ୍କୁ ଧରି ତଦନ୍ତରେ ବାଧା ଉପୁଜାଇଥିଲେ। ଗତ ମେ' ୪ ତାରିଖ ବରୁଣ୍ଡାଇ ସେବା ସମବାୟ ସମିତିର ସମ୍ପାଦକ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଅବଧି ତାଙ୍କୁ ପୂର୍ବ ସମ୍ପାଦକ ଶ୍ରୀ ମଲ୍ଲିକ କାର୍ଯ୍ୟଭାର ହସ୍ତାନ୍ତର କରିନାହାନ୍ତି। ଅପରପେକ୍ଷ ତାଙ୍କ ପୁଅଙ୍କୁ କିଛି ଅସାମାଜିକ ବ୍ୟକ୍ତିଙ୍କ ସହ ଜୋର ଜବରଦସ୍ତ ସମିତି କାର୍ଯ୍ୟାଳୟକୁ ପଠାଇ କାର୍ଯ୍ୟରେ ନିୟୋଜିତ କରିବା ପାଇଁ କାର୍ଯ୍ୟନିର୍ବାହୀଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି। ଫଳରେ କାର୍ଯ୍ୟ ସୁରୁଖୁରରେ ହେବା ପରିବର୍ତ୍ତେ ବିଭିନ୍ନ ସମସ୍ୟା ଉପୁଜୁଛି। ଯାହା ଫଳରେ ଆଜି ବୋର୍ଡର ସଦସ୍ୟ ଉପସଭାପତି ନିରୁପମା ମହାପାତ୍ର, ଅଶୋକ କୁମାର ସାହୁ, ନଟବର ମହାପାତ୍ର, ସୁବାସ ଚନ୍ଦ୍ର ସାହୁ, ଅରୁଣ ସାହୁ, ପ୍ରଣୟ ମହାପାତ୍ର, ଅକ୍ଷୟ ଧଳ ପ୍ରମୁଖ ଏହାର ତଦନ୍ତ କରି ସମବାୟ ସମିତିକୁ ସୁରୁଖୁରରେ ଚଳାଇବା ସହ ଚାଷୀଙ୍କ ସ୍ୱାର୍ଥ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

**ଜିଲ୍ଲାପାଳଙ୍କୁ ଭେଟିଲେ ବୋର୍ଡ ସଦସ୍ୟ**

## ଦୁର୍ଗମ ଅଞ୍ଚଳରେ ମଶାରି ବଣ୍ଟନ

ଯାଜପୁର, ୨୨।୫(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଉପରଗୁହିଆଶାଳ ଗ୍ରାମରେ ସମସ୍ତ ଜନସାଧାରଣଙ୍କୁ ମ୍ୟାଲେରିଆ ଦାଉରୁ ରକ୍ଷା ପାଇଁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ବଣ୍ଟନ କରାଯାଇଛି। ସୂଚନାଯୋଗ୍ୟ, ଗତ ଦୁଇ ସପ୍ତାହ ମଧ୍ୟରେ ଉପରଗୁହିଆଶାଳ ଗ୍ରାମରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଏହି ଖବର ପାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଛି। ବଣ ପାହାଡ଼ ଘେରା ଏହି ଗାଁରେ ସମସ୍ତ ହିତାଧିକାରୀଙ୍କୁ ୬୫ଟି ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ବଣ୍ଟନ କରାଯିବା ସହ ମଶାରିର ବ୍ୟବହାର ଓ ରକ୍ଷଣାବେକ୍ଷଣ ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଯାଇଥିଲା। ଏହି ମଶାରିର କୀଟନାଶକ ଧାରଣ କ୍ଷମତା ୩ରୁ ୪ ବର୍ଷ ରହିବ ଏବଂ ଏହାକୁ ପ୍ରତ୍ୟେକ ଦିନ ବ୍ୟବହାର କରିବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଛି। ଆଗାମୀ ଦିନରେ ଆଉ ଏକ ଦୁର୍ଗମ ଅଞ୍ଚଳ ତୁମୁଣିରେ ମଧ ମଶାରି ବଣ୍ଟନ କରାଯିବା ନେଇ ଯୋଜନା ରହିଛି। ଏହାସହ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ପ୍ରତ୍ୟେକ ସପ୍ତାହରେ ୨ ଥର ଉକ୍ତ ଗ୍ରାମଗୁଡିକୁ ସ୍ୱାସ୍ଥ୍ୟ ଟିମ୍ ପଠାଯାଇ ଜ୍ୱରରେ ପୀଡ଼ିତ ରୋଗୀଙ୍କ ରକ୍ତ ପରୀକ୍ଷା କରିବା ସହିତ ତୁରନ୍ତ ମ୍ୟାଲେରିଆ ଔଷଧ ସେବନ କରିବାକୁ ଦିଆଯାଉଛି। ଦୁର୍ଗମ ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ସହ ପ୍ରୟାସ କରାଯାଉଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର କହିଛନ୍ତି।



## ପଟୁଣିଆ ପଞ୍ଚାୟତରେ ଆବାସ ଓ ଭତ୍ତା ବଣ୍ଟନ

ଧର୍ମଶାଳା, ୨୨।୫(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପଟୁଣିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନ୍ତ୍ୟୋଦୟ ଯୋଜନାରେ ଆବାସ ଗୃହ ଓ ଭତ୍ତା ବଣ୍ଟନ କରାଯାଇଛି। ପଟୁଣିଆ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ୪୪ଜଣ ହିତାଧିକାରୀଙ୍କୁ ଆବାସ ଗୃହ ଓ ୧୧ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ପଟୁଣିଆ ପଞ୍ଚାୟତ ପ୍ରଭାରୀ ଅଲେଖ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପଟୁଣିଆ ପଞ୍ଚାୟତ ସରପଞ୍ଚ ବୈଶାଳି ରାଉତ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଦୀପ୍ତି ରଞ୍ଜନ ସାମଲ, ଜୟନ୍ତ କୁମାର ଜେନା, ପଞ୍ଚାୟତ ବୁଥ ସଭ୍ୟ ସୁବୋଧ କୁମାର ନାୟକ, ଜିଆର୍‌ଏସ୍ ଅନିତା ନାୟକ, ରମେଶ ରାଉତ ପ୍ରମୁଖ ଯୋଗଦେଇ ହିତାଧିକାରୀମାନଙ୍କୁ ଆବାସ ଗୃହ ଓ ଭତ୍ତା ବଣ୍ଟନ କରିଥିଲେ।



## ସ୍ୱାସ୍ଥ୍ୟ ବିଭାଗ ଟିମର ଟିକରପଡ଼ା ପରିଦର୍ଶନ


ସୁକିନ୍ଦା, ୨୨।୫(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଏକ ଟିମ୍ ସୁକିନ୍ଦା ବ୍ଲକର କାଂସ ଗ୍ରାମପଞ୍ଚାୟତ ସରୁଆବିଲି ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଟିକରପଡ଼ା ଗ୍ରାମକୁ ପରିଦର୍ଶନରେ ଯାଇ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ଡାକ୍ତର ମିଶ୍ରଙ୍କ ସହ ଅନ୍ୟାନ୍ୟ ଅଧିକାରୀ ତଥା ସିନିୟର ଏପିଡେମିଓଲୋଜିଷ୍ଟ ଡାକ୍ତର ଜ୍ୟୋତି ରଞ୍ଜନ ରାଉତ, ଯାଜପୁର ଉପପ୍ରବନ୍ଧକ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ସୁଧାଂଶୁ ଶେଖର ନାୟକ, ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ, ସୁକିନ୍ଦାର ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଏବଂ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ପରିଦର୍ଶନରେ ଯାଇଥିଲେ। ଉକ୍ତ ଗ୍ରାମର ସୂର୍ଯ୍ୟ ଜୁଆଙ୍ଗଙ୍କ ପରିବାରରେ ମୋଟ ।ତ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରିବାରର ସମସ୍ତ ଶିଶୁ ଚର୍ମ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ମଙ୍ଗଳବାର ଆର୍‌ବିଏସ୍‌କେ ଟିମ୍ ପରିଦର୍ଶନ କରି ସେମାନଙ୍କୁ ଔଷଧ ପ୍ରଦାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଟିମ୍ ଦ୍ୱାରା ମେ' ୨୦ ତାରିଖରେ ଏକ ସ୍ୱାସ୍ଥ୍ୟ ମେଳାର ଆୟୋଜନ କରାଯାଇଥିଲା। ସେଥିରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରିଗ୍ ସୁନ୍ଦର ପଣ୍ଡାଙ୍କ ଦ୍ୱାରା ସମସ୍ତ ୩୨ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୨୧ ଜଣ ଶିଶୁଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ଏହି ପରିଦର୍ଶନ ସମୟରେ ଗ୍ରାମରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା, ଟିକାକରଣ କାର୍ଯ୍ୟକ୍ରମ, ପୋଷଣ ସ୍ଥିତି ଓ ଜନସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ବୃଦ୍ଧି ସହ ସରକାରୀ ସ୍ୱାସ୍ଥ୍ୟ ସେବାକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଅଙ୍ଗନବାଡ଼ି କର୍ମୀ, ବହୁମୁଖୀ ମହିଳା ସ୍ୱାସ୍ଥ୍ୟ କର୍ମୀ, ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ପୁଷ୍ଟିସାଧନ ବିଶେଷଜ୍ଞ ତଥା ପରାମର୍ଶଦାତା, ଏନ୍‌ଆର୍‌ସି, ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଙ୍କ ସହ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଥିବା ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା।



# ବେତଣ୍ଡା ହତ୍ୟାକାଣ୍ଡ ଘଟଣାରେ ୫ ଗିରଫ

ଧର୍ମଶାଳା, ୨୨।୫(ସମିସ)

ଧର୍ମଶାଳା ଥାନା ବାରବାଟି ପଞ୍ଚାୟତ ବେତଣ୍ଡା ଗ୍ରାମରେ ଗତ ଏପ୍ରିଲ ୧୬ ତାରିଖରେ ସଂଗଠିତ ସୁକାନ୍ତ ମଲିକ ହତ୍ୟାକାଣ୍ଡରେ ଲିପ୍ତ ୫ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ ଗତ ଏପ୍ରିଲ ୧୬ ତାରିଖରେ ବେତଣ୍ଡା ଗ୍ରାମର ସୁକାନ୍ତ ମଲିକ ବାରବାଟି ବଜାରକୁ ଯାଇ ରାତି ସାଢ଼େ ୯ଟାରେ ଘରକୁ ଫେରୁଥିବା ବେଳେ ଘର ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ଫାର୍ସା, ଭୁଜାଲି, ଶାବଳ ଓ ଟାଙ୍ଗିଆରେ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଫଳରେ ଘଟଣା ସ୍ଥଳରେ ସୁକାନ୍ତଙ୍କ ମୃତ୍ୟୁ ହୋଇଥିଲା। ଏନେଇ ସୁକାନ୍ତଙ୍କ ପତ୍ନୀ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୫୬/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିବା ସହ ଉକ୍ତ ଗ୍ରାମର ୭ ଜଣ ମହିଳା ସମେତ ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତମାନେ ହତ୍ୟାକାଣ୍ଡ ଘଟାଇ ଫେରାର ହୋଇ ସୁରତକୁ ପଳାଇଥିଲେ। ଧର୍ମଶାଳା ପୁଲିସ ପାଖରେ ଅପହଞ୍ଚ ଥିବା ବେଳେ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୁଲିସ ଯୋଜନା ଚଳାଇଥିଲା। ତେବେ ମୁଖ୍ୟ ଅଭିଯୁକ୍ତମାନେ ସୁରତରେ ରହୁଥିବା ଠାବ କରି ପୁଲିସର ଏକ ଟିମ୍ ସେଠାରେ ଚଢ଼ଉ କରି ୫ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଧର୍ମଶାଳା ଥାନାକୁ ଆଣିଥିଲା। ଗିରଫ ଅଭିଯୁକ୍ତମାନେ ଏହି ଥାନା ବେତଣ୍ଡା ଗ୍ରାମର ବିପିନ ମଳିକ(୩୧), ତପିନ ମଳିକ(୨୭), ସଞ୍ଜୟ ମଳିକ(୩୦), ରାଜୁ ମଳିକ(୩୪) ଓ ମାନଗୋବିନ୍ଦ ମଳିକ(୩୩) ବୋଲି ଜଣାପଡ଼ିଛି। ଆଜି ପୂର୍ବାହ୍ନରେ ଧର୍ମଶାଳା ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ରୋଡ୍ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ଏସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ଚିନ୍ମୟୀ ସାହୁ ଏବଂ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ରହିଥିଲେ।



## ଜାତୀୟ ରାଜପଥ ହମ୍ପସ ନେଉଛି ଜୀବନ

# ଦୁଇ ଗାଡ଼ି ମଧ୍ୟରେ ଧକ୍କା; ଚାଳକ ମୃତ

ବାଲିବନ୍ଧ, ୨୨।୫ (ସମିସ)



ଜାତୀୟ ରାଜପଥର ହମ୍ପସ ପାଇଁ ଜୀବନଯାତ୍ରା ଅସୁରକ୍ଷିତ ହୋଇ ପଡ଼ିଥିବା ଅଭିଯୋଗ ହେଉଛି । ଏଭଳି ଏକ ଘଟଣା ଶୁକ୍ରବାର ଚର୍ଚ୍ଚାକୁ ଆସିଛି । ୨୦ନମ୍ବର ଜାତୀୟ ରାଜପଥ ଝୁମ୍ପୁରା ବାଇପାସ ଝୁମ୍ପୁରା ଥାନା ନିକଟରେ ଭୋର ସମୟରେ ଏକ ହାଇୱା ଗାଡି ଅନ୍ୟ ଏକ ଗାଡ଼ି ପଛରେ ଧକ୍କା ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତ ଗାଡ଼ି ଚାଳକ ହେଲେ ଝାରଖଣ୍ଡ ରାଜ୍ୟ ପାକୁରା ଥାନା ଅଞ୍ଚଳ ମନିରାମପୁର ଗ୍ରାମର ମେହେବୁବ ଆଲ୍ଲାମ (୩୫) ।

ସୂଚନାନୁଯାୟୀ, ମେହେବୁବ ଆଲ୍ଲାମ ଓଡି୩୪ଏସ ୫୫୭୧ ନମ୍ବର ହାଇୱା ଗାଡି ନେଇ ଯୋଡ଼ା ଅଭିମୁଖେ ଯାଉଥିଲେ । ବିଷ୍ଣୁପୁର ଛକ ନିକଟରେ ଥିବା ହମ୍ପସଠାରେ ଆଗରେ ଯାଉଥିବା ଗାଡି ହଠାତ ବ୍ରେକ ଦେବାରୁ ଗାଡି ପଛରେ ମେହେବୁବଙ୍କ ଗାଡି ଧକ୍କା ହୋଇଥିଲା । ଫଳରେ ହାଇୱା ଗାଡି ସମ୍ମୁଖ ଭାଗ ଚାପି ହୋଇ ଚୂରମାର ହୋଇଯାଇଥିଲା । କ୍ୟାବିନ ଭିତରେ ଚାଳକ ମେହେବୁବ ଚାପି ହୋଇ ରହିଯାଇଥିଲେ । ପରେ ଝୁମ୍ପୁରା ଅଗ୍ନିଶମବାହିନୀ ତାଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ଯାଞ୍ଚ କରି ମୃତ ଘୋଷଣା କରିଥିଲେ । ଏନେଇ ଝୁମ୍ପୁରା ପୁଲିସ ଏକ ମାମଲା ରୁଜୁକରି କେନ୍ଦୁଝର ମୁଖ୍ୟଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇ ପଠାଇଥିବା ଜଣାପଡିଛି । ପ୍ରକାଶ ଥାଉକି, ୨୦ ନମ୍ବର ଜାତୀୟ ରାଜପଥ ଝୁମ୍ପୁରା ବାଇପାସ ଝୁମ୍ପୁରା ଥାନା (ବିଷ୍ଣୁପୁର) ଛକ ନିକଟରେ ନିର୍ମାଣ ହୋଇଥିବା ହମ୍ପସ ପୂର୍ବରୁ କୌଣସି ସଂକେତ ବା ଚିହ୍ନ ଦେଇ ନଥିବାରୁ ଗାଡି ଚାଳକମାନେ ହମ୍ପସ ବାବଦରେ କିଛି ଜାଣିପାରୁନାହାନ୍ତି । ଫଳରେ ଅସାବଧାନତା ବଶତଃ ହମ୍ପସ ନିକଟରେ ବ୍ରେକ ଦେବାରୁ ଏପରି ଅନେକ ଧନଜୀବନ ନଷ୍ଟ ହେଉଛି । ହମ୍ପସ ପୂର୍ବରୁ ଧଳା ଦାଗ ବା ଚିହ୍ନ ଦେବା ନେଇ ବାରମ୍ବାର ଗୁହାରି କଲେ ମଧ୍ୟ କର୍ଣ୍ଣପାତ କରୁ ନଥିବ ଯୋଗୁଁ ସେହି ହମ୍ପସ ନିର୍ମାଣ ସ୍ଥାନରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବା ନେଇ ସାଧାରଣରେ ଦାବି ହେଉଛି ।

## ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ଗୋଡ଼ିପୋଖରୀ ଗ୍ରାମସଭା

# ଏକର ପ୍ରତି ୩୦ କୋଟି ଟଙ୍କା ଦାବିକଲେ ଗ୍ରାମବାସୀ



ତୁରୁମୁଙ୍ଗା, ୨୨।୫(ସମିସ): କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଶୁକ୍ରବାର ସକାଳ ୮.୩୦ ମିନିଟରେ ଯମୁନାପଶି ଗ୍ରାମପଞ୍ଚାୟତ ଗୋଡିପୋଖରୀ ଗ୍ରାମର ଶିବ ମନ୍ଦିର ପଡ଼ିଆରେ ୮ ମ ଗ୍ରାମସଭା ସଫଳତାର ସହ ଶେଷ ହୋଇଛି । ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଗାଁର ୧୪୫.୬୯୦ ଏକର ଘରୋଇ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଆୟୋଜିତ ଗ୍ରାମସଭାରେ ଜନସାଧାରଣଙ୍କଠାରୁ ମତାମତ ଗ୍ରହଣ କରାଯାଇଥିଲା । ଗ୍ରାମବାସୀଙ୍କ ପକ୍ଷରୁ ୫୧ ସର୍ତ୍ତ ସମ୍ବଳିତ ଦାବିପତ୍ର ପ୍ରଶାସନ ନିକଟରେ ଉପସ୍ଥାପନ କରିବା ସହ ଏକର ପ୍ରତି ୩୦ କୋଟି ଟଙ୍କା ଦାବି କରାଯାଇଥିଲା । ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଗୋଡିପୋଖରୀ ଗ୍ରାମର ୧୪୫.୬୯୦ ଏକର ଘରୋଇ ଜମି ଅଧିଗ୍ରହଣ ହେବାର ଯୋଜନା ରହିଛି । ଯମୁନାପଶି ସରପଞ୍ଚ ଶଶିଭୂଷଣ ନାଏକଙ୍କ ଅଧକ୍ଷତାରେ ଆୟୋଜିତ ଗ୍ରାମସଭାରେ ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୁଅର୍ଜନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ଇଡ଼କୋର ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର, ୱାର୍ଡସଭ୍ୟ ବେଣୁଧର ନାଏକ, ମଞ୍ଜୁଲତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଶାନ୍ତିଶୃଙ୍ଖଳା ପାଇଁ ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ, ପ୍ରତ୍ୟୁଷ ମହାପାତ୍ର, ଜ୍ୟୋତିର୍ମୟ ଭୁକ୍ତା, ଶୁଭସ୍ମିଗ୍ଧା ସେଠୀ, ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ପ୍ରଶାନ୍ତ ବେହେରା, ବିଜୟ ବିହାରୀ, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁଙ୍କ ସମେତ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିଲେ । ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ସହଯୋଗ କରିଥିଲେ ।

## ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚର ବିରୋଧ

ତୁରୁମୁଙ୍ଗା, ୨୨।୫(ସମିସ): ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପାଇଁ ଶୁକ୍ରବାର କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ଯମୁନାପଶି ପଞ୍ଚାୟତ ଗୋଡ଼ିପୋଖରୀ ଗ୍ରାମସଭା କରାଯାଇଥିଲା । ଏହି ଗ୍ରାମସଭାକୁ ଗୋଡ଼ିପୋଖରୀ ଗ୍ରାମ ସମେତ ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚର ଯମୁନାପଶି, କୋଡଖମଣ, ବରୁଡ଼ିପଶି, ଚିଲିଦା, ଚେମଣା, ଧନୁର୍ଜୟପୁର, କୋଡ଼ଖମଣ, ବାରଡାଙ୍ଗୁଆ ଆଦି ବିଭିନ୍ନ ଗ୍ରାମ କମିଟି ପକ୍ଷରୁ ପ୍ରତିବାଦ କରାଯାଇ ବିରୋଧ କରଯାଇଥିଲା । ସରକାର ପୁଲିସ ଲଗାଇ ମଞ୍ଚର କର୍ମକର୍ତା ମାନଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିବା ସହିତ ରାତି ଅଧରେ ଗିରଫ କରି ଜେଲରେ ପୁରାଇବା, ଗୁରୁବାର ରାତିଠାରୁ ଗୋଡ଼ିପୋଖରୀ ଗ୍ରାମରେ ପୁଲିସ ଲଗାଇ ଗ୍ରାମକୁ ଘେରି ରଖିବା, ପ୍ରତିବାଦକାରୀ ଗୋଡ଼ିପୋଖରୀ ଗ୍ରାମର ଲୋକଙ୍କୁ ଘରୁ ବାହାର କରିବାକୁ ନଦେବା, ଯମୁନାପୋଷି ଗ୍ରାମ ସମେତ ବିଭିନ୍ନ ଗ୍ରାମରେ ବହୁ ସଂଖ୍ୟାରେ ପୁଲିସ ସାଇରନ ବଜାଇ ଲୋକଙ୍କୁ ଭୟଭୀତ କରିବା, ଗ୍ରାମସଭାକୁ ବିରୋଧ କଲେ ଜେଲରେ ଭର୍ତ୍ତି କରିବା ଆଦି ଘଟଣାକୁ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ତରଫରୁ ତୀବ୍ର ନିନ୍ଦା କରିବା ସହିତ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ କୌଣସି ପରିସ୍ଥିତିରେ ଉର୍ବର ଦୋଫସଲ ଚାଷ ଜମି କମ୍ପାନୀକୁ ହସ୍ତାନ୍ତର କରାଯିବ ନାହିଁ ବୋଲି ମଞ୍ଚ ପକ୍ଷରୁ ସଭାପତି ଘନଶ୍ୟାମ ମହାନ୍ତ ଓ ସମ୍ପାଦକ ବେଣୁଧର ସର୍ଦ୍ଦାର କହିଛନ୍ତି ।

## ■ ରାଇକଳା ପ୍ରିମିୟର ଲିଗ୍ କ୍ରିକେଟ

# ମା’ ରଙ୍ଗେଇସୁଣି ଟାଙ୍ଗରାଣୀ ଚାମ୍ପିଅନ

କେନ୍ଦୁଝର,୨୨।୫(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରାଇକଳା ଗ୍ରାମର ଖେଳ ପଡ଼ିଆରେ ଚାଲିଥିବା ରାଇକଳା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍ ମା’ ରଙ୍ଗେଇସୁଣି ଟାଙ୍ଗରାଣୀ ଏବଂ ମହାକାଳ ଦଳ ମଧ୍ୟରେ ଖେଳାଯାଇଥିଲା । ପ୍ରଥମେ ମହାକାଳ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୭ ୱିକେଟ ହରାଇ ୯୦ ରନ୍ କରିଥିଲା । ରନ୍ ପିଛା କରି ମା’ ରଙ୍ଗେଇସୁଣୀ ଟାଙ୍ଗରାଣୀ ଦଳ ୭ ୱିକେଟ ହରାଇ ଶେଷ ଓଭରରେ ୯୦ ରନ୍ କରି ବିଜୟୀ ହୋଇଛି । ସୌମ୍ୟରଞ୍ଜନ ରଣା ଓ ସୁଶାନ୍ତ ପଣ୍ଡା ଖେଳ ପରିଚାଳନା କରିଥିଲେ । ଧାରାବିବରଣୀ ବୁବୁ ସିଂହ ଦେଇଥିଲେ । ଅଜିତ୍ କୁମାର ମହାନ୍ତ ଓ ବିଗୁଲ୍ ମହାନ୍ତ ସ୍କୋରର ଥିଲେ । ବାପି ଦେଓଗାମ୍ ମ୍ୟାନ ଅଫ ଦ ମ୍ୟାଚ୍ ଓ ମ୍ୟାନ୍ ଅଫଦ ସିରିଜ ବିବେଜିତ ହୋଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ପୂର୍ବତନ ଉପସଭାପତି ଗଣେଶ୍ୱର ମହାନ୍ତ, ମୁଖ୍ୟବକ୍ତା ବରିଷ୍ଠ ବିଜେପି ନେତା ଦ୍ରୁବଚରଣ ବାରିକ୍, ସମ୍ମାନିତ ଅତିଥି ପଳାସପଙ୍ଗା ମଣ୍ଡଳର ସାଧାରଣ ସମ୍ପାଦକ ବଳଭଦ୍ର ମହାନ୍ତ, ରାଇକଳା ପଞ୍ଚାୟତର ବିଜେପି ସଭାପତି ଭରତ ମହାନ୍ତ, ନାଏବ ସରପଞ୍ଚ ହେମଲତା ନାଏକ, ସମାଜସେବୀ ଭରତଚନ୍ଦ୍ର ମାହନ୍ତ ପ୍ରମୁଖ ଚାମ୍ପିଅନ ଦଳକୁ ୧୫ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟ ସଭାପତି ହୃଦୟ ରଞ୍ଜନ ମହାନ୍ତ, ସମ୍ପାଦକ ଜଗଦୀଶ ବାରିକ, ସଦସ୍ୟ ସୁଶୀଳ ନାଏକ, ଅଜିତ ବାରିକ, ଶୁଭ୍ରଜିତ ମହାନ୍ତ, ଅଲେଖ ବାରିକ, ସଞ୍ଜୀବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।



## ମଦନପୁର ସଂରକ୍ଷିତ ଜଙ୍ଗଲରୁ ମୋରମ୍ ଚାଲାଣ

ଆନନ୍ଦପୁର, ୨୨।୫ (ସମିସ): ଆନନ୍ଦପୁର ବନବିଭାଗର ମଦନପୁର ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ପ୍ରତିଦିନ ମୋରମ ଚୋରା ଚାଲାଣ ହେଉଥିଲେ ମଧ୍ୟ ଖଣି ଓ ରାଜସ୍ୱ ବିଭାଗ ନିରବ ରହିବା ଘଟଣାରେ ସନ୍ଦେହ ପ୍ରକଟ ହୋଇଛି । ରେଙ୍ଗାଲି କେନାଲ ନିର୍ମାଣ ପାଇଁ ଆଜିକୁ ପ୍ରାୟ ୩ ସପ୍ତାହ ହେବ ପ୍ରତିଦିନ ସନ୍ଧ୍ୟା ପରେ ରାତିସାରା ହାଇୱା ଯୋଗେ ଗାଁ ରାସ୍ତାରେ ମୋରମ ଚାଲାଣ ହେଉଥିବାରୁ ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଲେଣି । ରାତିସାରା ମେସିନର ଗର୍ଜନ ଏବଂ ଗାଡ଼ିର ଶବ୍ଦ ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି । ରେଙ୍ଗାଲି ପ୍ରକଳ୍ପର ଅଧିକାରୀମାନେ ଖଣି ବିଭାଗ କିମ୍ବା ରାଜସ୍ୱ ବିଭାଗ ଅନୁମତି ନ ଆଣି ମୋରମ ଉଠାଇ ଅନ୍ୟତ୍ର ଚାଲାଣ କରିବା ନେଇ ଗ୍ରାମର କେତେକ ସଚେତନ ଯୁବକ ଏନେଇ ଆନନ୍ଦପୁର ଡିଏଫଓଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଜଙ୍ଗଲ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସରକାରୀ ଅନୁମତି ତଦାରଖ କରିବା ସହ ମୋରମ ଚାଲାଣ ବନ୍ଦ କରିବାକୁ ତାଗିଦ କରିଥିବା ଜଣାଯାଇଛି । ଏହାକୁ ଠିକାସଂସ୍ଥା ଭ୍ରୂକ୍ଷେପ କରୁ ନଥିବା ଅଭିଯୋଗ ହେଉଛି । ଫଳରେ ମୋରମ ଚାଲାଣ ବଢୁଥିବା ସହ ପାରିପାର୍ଶ୍ୱିକ ଅଶାନ୍ତି ବୃଦ୍ଧି ପାଉଛି ।



## ପ୍ରେମରେ ବିଫଳ; ଯୁବକଙ୍କ ଆତ୍ମହତ୍ୟା



ତୁରୁମୁଙ୍ଗା, ୨୨।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଭାଲିଆଡାଳ ଗ୍ରାମରେ ଶୁକ୍ରବାର ଘଟିଛି ଏଭଳି ଦୁଃଖଦ ଘଟଣା । ପ୍ରେମରେ ବିଫଳ ପରେ ଘର ଭିତରେ ଫ୍ୟାନରେ ଗାମୁଛା ବାନ୍ଧି ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି ଯୁବକ ଜିତେନ୍ଦ୍ର ସାହୁ (୨୫) । କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ମନମାଳିନ୍ୟ ସୃଷ୍ଟି ହୋଇଥିବା ବେଳେ ଜିତେନ୍ଦ୍ର ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ । ମୃତ ଯୁବକଙ୍କ ହାତରେ ଟାଟୁ ମାଧ୍ୟମରେ ପ୍ରେମିକାଙ୍କ ନାମ ଲେଖାଥିବା ଦେଖିବାକୁ ମିଳିଛି । ପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରୁଛି ।

## କୁଅ ଭିତରୁ ବୃଦ୍ଧା ଉଦ୍ଧାର



ତୁରୁମୁଙ୍ଗା, ୨୨।୫(ସମିସ): ୩୦ ଫୁଟ ଗଭୀର ପଥର କୂଅ ଭିତରେ ପଡ଼ି ଜୀବନ ସହ ସଂଘର୍ଷ କରୁଥିଲେ ବୃଦ୍ଧା । ପଥରକୁ ଧରି ଦୀର୍ଘ ସମୟ ଝୁଲି ରହିବା ପରେ ଅଗ୍ନିଶମ ବାହିନୀ କରିଛନ୍ତି । ବୃଦ୍ଧା ଜଣକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗ୍ରାମର ଶାସନ ସାହିର ବାମ ରାଉତଙ୍କ ପତ୍ନୀ ନିରୁପମା (୬୫) । ଶୁକ୍ରବାର ସକାଳେ ଅସାବଧାନତାବଶତଃ ପ୍ରାୟ୩୦ଫୁଟଗଭୀରପଥରକୂଅଭିତରେଖସିପଡ଼ିଥିଲେ ।ପରେ ସେ ପଥରକୁ ଧରି ଜୀବନ ବଞ୍ଚାଇବା ପାଇଁ ଝୁଲି ରହିଥିଲେ । ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଦୀର୍ଘ ସମୟର ଉଦ୍ଧାର କାର୍ଯ୍ୟ ପରେ ବୃଦ୍ଧାଙ୍କୁ ସୁରକ୍ଷିତ ଭାବେ କୁଅ ଭିତରୁ ବାହାର କରାଯାଇ ରାଜନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅଗ୍ନିଶମ ବାହିନୀର ଏହି ସାହସିକ ଉଦ୍ଧାର କାର୍ଯ୍ୟକୁ ଲୋକେ ପ୍ରଶଂସା କରିଛନ୍ତି ।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ଆନନ୍ଦପୁର, ୨୨।୫ (ସମିସ): ଜାଳକାଠ ସଂଗ୍ରହ କରିବାକୁ ସ୍ଥାନୀୟ ଜଙ୍ଗଲକୁ ଯାଇଥିବା କୁମୁଣିଆ ଗ୍ରାମର ଗଙ୍ଗାଧର ନାଇକ (୬୨)ଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଯାଇଛି । ମୃତ ଗଙ୍ଗାଧର ଗତ ଗୁରୁବାର ଦିନ ପ୍ରାୟ ୧୦ଟା ସମୟରେ ପଥରକୁଣ୍ଡିର ବାଘଦଫା ଜଙ୍ଗଲକୁ ଜାଳ କାଠ ସଂଗ୍ରହ କରିବାକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନଥିଲେ । ପରିବାର ଲୋକେ ଆଜି ଖୋଜାଖୋଜି କରୁଥିବା ବେଳେ ସ୍ଥାନୀୟ ମାଝୀ ସାହି ନିକଟରେ ମୃତଦେହ ଠାବ ହୋଇଥିଲା । ଖବର ପାଇ ଘସିପୁରା ପୁଲିସ ମୃତଦେହକୁ ଜବତ କରି ଆନନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ ଆରମ୍ଭ କରୁଥିବା ଜଣାଯାଇଛି ।

## ଅବସରପ୍ରାପ୍ତ ଜିପିଓଙ୍କ ପରଲୋକ



ଆନନ୍ଦପୁର, ୨୨।୫ (ସମିସ): ଘସିପୁରା ବ୍ଲକ ଦେଓଗାଁ ପଞ୍ଚାୟତ ପଡ଼ିଆପାଳ ଗ୍ରାମର ଅବସରପ୍ରାପ୍ତ ଜିପିଓ ଦୁର୍ଯ୍ୟୋଧନ ରାଉତ (୯୬)ଙ୍କର ପରଲୋକ ହୋଇଯାଇଛି । ଆଜି ସକାଳେ ସେ ହଠାତ ଅସୁସ୍ଥ ହୋଇପଡିବା ପରେ ନିଜ ବାସଭବନରେ ଦେହାନ୍ତ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ପ୍ରଦୀପ ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ଖବର ପାଇ ଆଖପାଖରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିେ । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ପୁତ୍ର ପୂର୍ଣ୍ଣଚନ୍ଦ୍ର ମୁଖାଗ୍ନି ଦେଇଥିଲେ । ତାଙ୍କ ପରଲୋକ ରେ ଗ୍ରାମ ରେ ଶୋକ ପ୍ରକାଶ ପାଇଛି ।

## ପାଠାଗାର ଲୋକାର୍ପିତ



ତେଲକୋଇ, ୨୨।୫(ସମିସ): ତେଲକୋଇସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମିତ ପାଠାଗାର କେନ୍ଦ୍ରର ଲୋକାର୍ପଣ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ଼ ଫକିର ମୋହନ ନାଏକ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ନାଏକ ସାମ୍ବାଦିକଙ୍କ ସହିତ ତେଲକୋଇ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ । ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତ ସ୍ୱାସ୍ଥ୍ୟସେବା, ଗମନା ଗମନର ସୁବ୍ୟବସ୍ଥା, ସବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ ଓ ଅଘୋଷିତ ବିଦ୍ୟୁତ୍ କାଟ ଆଦି ସମସ୍ୟା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ପ୍ରେସ କ୍ଲବ୍ ସଭାପତି କୈଳାଶଚନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ ।

# ଦିନ ଦ୍ୱିପହରରେ ଲୁଟିଲେ ସୁନାରୁପା ସହ ଅଢ଼େଇ ଲକ୍ଷ ଟଙ୍କା

ବାଲିବନ୍ଧ, ୨୨।୫ (ସମିସ)

ଝୁମ୍ପୁରା ଥାନାଞ୍ଚଳରେ ଦିନ ଦ୍ୱିପହରରେ ଚୋରି ହେଉଛି । ଘରର ତାଲା ଭାଙ୍ଗି ୨୦ ଭରି ସୁନା, ୪ ଶହ ଗ୍ରାମ ରୁପା ସହ ନଗଦ ଅଢେଇ ଲକ୍ଷ ଟଙ୍କା ଲୁଟି ନେଇଥିବା ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଝୁମ୍ପୁରା ଥାନାଞ୍ଚଳ ଅର୍ଶଳା ପଞ୍ଚାୟତ ଅର୍ଶଳା ଗ୍ରାମର ରୁଦ୍ରଚରଣ ମହାନ୍ତଙ୍କ ଘରୁ ଚୋରି ହୋଇଥିବା ସୂଚନା ମିଳିଛି । ଘରେ ତାଲା ଲଗାଇ ରୁଦ୍ରଚରଣ ମହାନ୍ତ ସ୍ତ୍ରୀଙ୍କ ସହ ରାଇସୁଆଁସ୍ଥିତ ଶନି ମନ୍ଦିରକୁ ପୂଜା କରିବା ପାଇଁ ଯାଇଥିଲେ । ଦିନ ୧ଟା ସମୟରେ ଘରକୁ ଫେରିଥିଲେ । ଘରର ପଛ ପଟ ଗେଟର ତାଲା ଭାଙ୍ଗିବା ସହିତ ଘରଗୁଡିକର ତାଲା ଭାଙ୍ଗି ପଡିଛି । ଜିନିଷପାତ୍ର ଏଣେତେଣେ ପଡିଛି । ଏହାସହିତ ଦୁଇଟି ଆଲମାରୀର ଲକର ଭାଙ୍ଗି ଭିତରେ ଥିବା ୨୦ ଭରି ସୁନା, ୪ ଶହ ଗ୍ରାମ ରୁପା ଏବଂ ଅଢେଇ ଲକ୍ଷ ଟଙ୍କା ଦୁର୍ବୃତ୍ତ ନେଇ ଯାଇଥିବା ଜାଣିବାକୁ ପାଇଥିଲେ ରୁଦ୍ରଚରଣ ମହାନ୍ତ । ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଭାରପ୍ରାପ୍ତ ଥାନାଧିକାରୀ ମାନସ ମହାକୁଲ ସୂଚନା ଦେଇଛନ୍ତି ।

## ଫକୀରପୁର ନଦୀପଠାରୁ ବାଲି ଚୋରାଚାଲାଣ



ଆନନ୍ଦପୁର, ୨୨।୫(ସମିସ): ଆନନ୍ଦପୁର ପୌରାଞ୍ଚଳର ଫକୀରପୁରଠାରେ ବୈତରଣୀ ନଦୀ ପଠାରୁ ରାତିତମାମ ବେଧଡକ ବାଲି ଟ୍ରାକ୍ଟର ଯୋଗେ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ପ୍ରଶାସନର ନିରବତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ସୂଚନା ଅନୁଯାୟୀ, ବୈତରଣୀ ନଦୀର ଫକୀରପୁରର ବିଭିନ୍ନ ଘାଟର ନଦୀପଠାରୁ ବାଲି ଉତ୍ତୋଳନ କରି ନଦୀବନ୍ଧ କଡରେ ଗଚ୍ଛିତ ରଖୁଛନ୍ତି । ପରେ ନିଜ ସୁବିଧାରେ ମଧ୍ୟରାତ୍ରରେ ଏହି ବାଲିକୁ ଟ୍ରାକ୍ଟର ଯୋଗେ ଚାଲାଣ କରୁଛନ୍ତି । ଏହି ପ୍ରକ୍ରିୟା ବର୍ଷ ବର୍ଷ ଧରି ଚାଲି ଆସୁଥିବା ବେଳେ ଖଣି ବିଭାଗ କିମ୍ବା ସ୍ଥାନୀୟ ପୁଲିସ ସକ୍ରିୟ ନଥିବାରୁ ଏହା ମାଫିଆଙ୍କୁ ସୁହାଉଛି । ସମ୍ପୃକ୍ତ ବାଲି ଚୋରା ଚାଲାଣ ଘଟଣା ବିଷୟରେ ଖଣି ଅଧିକାରୀ ତାରିଣୀ ସିଂଙ୍କୁ ପଚାରିବାରୁ ସେ ଅବଗତ ନଥିବା ପ୍ରକାଶ କରିଛନ୍ତି । କିଛି ଦିନ ହେବ ଉପଖଣ୍ଡର ବିଭିନ୍ନ ଚୋରା ବାଲି ଘାଟରେ ମାଫିଆଙ୍କ ଉପରେ ଆତର୍କିତ ଚଡ଼ଉ ସେମାନଙ୍କ ଭିତରେ କୋକୁଆ ଭୟ ସୃଷ୍ଟି କରିଥିବା ବେଳେ ଫକୀରପୁରଠାରେ ବାଲି କାରବାର ପ୍ରତି ପ୍ରଶାସନର ଏଭଳି ନିଷ୍କ୍ରିୟତାକୁ ନେଇ ସାଧାରଣରେ ବେଶ୍ ଚର୍ଚ୍ଚା ହେଉଛି ।

## ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ

# ‘ଅପାରଗ ସରକାର’ ଉପରେ ବର୍ଷିଲେ ବରିଷ୍ଠ ନେତାନେତ୍ରୀ

ହାଟଡ଼ିହୀ,୨୨।୫(ସମିସ)



ବିଜେପି ସରକାର ମହିଳାଙ୍କୁ ୩୩% ସଂରକ୍ଷଣ ଦେବାରେ ବିଫଳ, ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାରେ ଅସମର୍ଥ । ଏଭଳି ଅଭିଯୋଗ ଆଣି ବିଜେଡି ପକ୍ଷରୁ ଏକ ପ୍ରତିବାଦ ସମାବେଶ ଏବଂ ନାରୀ ଅଧିକାରୀ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ହାଟଡ଼ିହୀ ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀଙ୍କ ନେତୃତ୍ୱରେ ପ୍ରାୟ ୧୦ ହଜାର ମହିଳା ଏକ ବିଶାଳ ପଦଯାତ୍ରାରେ ସାମିଲ ହୋଇଥିଲେ । ଛେନାପଦିସ୍ଥିତ ବିଶ୍ୱତାରିଣୀ ମନ୍ଦିର ନିକଟରୁ ବାହାରି ହାଟଡ଼ିହୀ ବ୍ଲକ ନିକଟରେ ପହଞ୍ଚିଲା ପରେ। ଏକ ସଭାରେ ନାରୀନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ଜିଲ୍ଲା ବିଜେଡ଼ି ମହିଳା ସଭାନେତ୍ରୀ କମଳିନୀ ପାତ୍ର, ବରିଷ୍ଠ ନେତ୍ରୀ ମୀନା ମାଝୀ, ଆନନ୍ଦପୁର ପୌରଧକ୍ଷା ରଜନୀରାଣୀ ଖଟୁଆ, ଆନନ୍ଦପୁର ବ୍ଲକ ଅଧକ୍ଷା ଅଞ୍ଜନା ବାରିକ, ଜିଲ୍ଲାପରିଷଦ ସଭ୍ୟା କୌଶଲ୍ୟା ସେଠୀ, ସୁକାନ୍ତି ଜେନା, ସରପଞ୍ଚ ମନୀଷା ରାଣୀ ସା, ସସ୍ମିତା ମହାପାତ୍ର, ମହିଳା ଗୋଷ୍ଠୀ ସଂଯୋଜିକା ସାବିତ୍ରୀ ସା, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପୂର୍ବତନ ଆନନ୍ଦପୁର ବିଧାୟକ ମାୟାଧର ଜେନା, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲ୍ଲା ବିଜେଡ଼ି ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ରାକେଶ ରାମ, ଜିଲ୍ଲାପରିଷଦ ଉପାଧକ୍ଷ ସୋମନାଥ ଦାସ, ପୂର୍ବତନ ଜିଲ୍ଲା ବିଜେଡ଼ି ସଭାପତି ବିମ୍ବାଧର ବିଶ୍ୱାଳ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଅମରେନ୍ଦ୍ର ଧଳ, ଯୁବ ବିଜେଡ଼ି ଜିଲ୍ଲା ସମ୍ପାଦକ ଦୀପ୍ତିରଞ୍ଜନ ଦାସ, ଜିଲ୍ଲା ବିଜେଡ଼ି ସମ୍ପାଦକ ବୀରେନ୍ଦ୍ର ବିଶ୍ୱାଳ, ଗୌରାଙ୍ଗ ରଣା, ବରିଷ୍ଠ ବିଜେଡ଼ି ନେତା ଗୋପାଳ ନାୟକ, ମାର୍କଣ୍ଡ ଓଝା, ଯୁବ ବିଜେଡ଼ି ନେତା ଦେବପ୍ରିୟ ପାତ୍ର, ଚିନ୍ମୟ ନାୟକଙ୍କ ସମେତ ବିମଳ ଜେନା, ସରପଞ୍ଚ ଅଜିତ ରାଉତ, ଜଗବନ୍ଧୁ କାଣ୍ଡି, ବ୍ଲକ ବିଜେଡ଼ି ସଭାପତି ସୁରେନ୍ଦ୍ର ଜେନା, ଆନନ୍ଦପୁର ବ୍ଲକ ସଭାପତି ରାମଚନ୍ଦ୍ର ପଲେଇ, ମହିଳା ପ୍ରଭାରୀ କାମପାଳ ନାୟକ, ବିଶ୍ୱନାଥ ନାୟକ, ରୁଦ୍ରନାରାୟଣ ଜେନା ପ୍ରମୁଖ ସାମିଲ ଥିଲେ । ବିଜେପି ସରକାର ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବା ଦିଗରେ ଅପରାଗ ବୋଲି ନେତୃବୃନ୍ଦ ବର୍ଷିଥିଲେ । ବିଜେପି ସରକାର ଏଥିପ୍ରତି ତୁରନ୍ତ ଗୁରୁତ୍ୱ ନଦେଲେ ଆଗାମୀ ଦିନରେ ବିକ୍ଷୋଭ ତୀବ୍ରତର ହେବ ବୋଲି ନାରୀନେତ୍ରୀ ଲେଖାଶ୍ରୀ କଡ଼ା ଚେତାବନୀ ଦେଇଛନ୍ତି । ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମହିଳାଙ୍କ ଉପସ୍ଥିତି ପାଇଁ ଧନ୍ୟବାଦ ଦେଇଥିଲେ । ନାରୀମାନଙ୍କ ପ୍ରତି ବିଜେପି ସରକାରର ବୈମାତୃକ ମନୋଭାବକୁ ନେଇ ହାଟଡ଼ିହୀ ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସୁଭଦ୍ରା ଯୋଜନା ସହ ହାଣ୍ଡିଶାଳ କଷ୍ଟକୁ ନେଇ ନାରୀମାନେ ନାନାଦି ପ୍ରକାରର ନିର୍ଯାତିତ ହେଉଥିବା ନେଇ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ଅସନ୍ତୋଷ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ପ୍ରାୟ ୧୫ ହଜାର ମହିଳା ଓ ପୁରୁଷ ସାମିଲ ହୋଇଥିଲେ । ଶତ୍ରୁଘ୍ନ ପାତ୍ର, ନରହରି ପାତ୍ର, ବିକ୍ରମ ବିଶ୍ୱାଳ, ପ୍ରଭାତ ବିଶ୍ୱାଳ, ଅଜୟ ସା, ଉଦୟନାଥ ସା, ବିଶ୍ୱନାଥ ଖଟୁଆ, ଜୀବନ ଜେନା, ନିରଞ୍ଜନ ମହାପାତ୍ର, ସୁଶାନ୍ତ ମହାପାତ୍ର, ବସନ୍ତ ପଡ଼ିଆରୀ, ଅତୁଲ ବେହେରା, ପ୍ରଶାନ୍ତ ନାୟକ, ସୁଧାଂଶୁ ନାୟକ, ସ୍ନେହାଂଶୁ ନାୟକ ତ୍ରୈଲୋକ୍ୟ ସାହୁ, ଅଭିଜିତ ସେନାପତି, ଦିଲ୍ଲୀପ ମଲ୍ଲିକ, ରବିନ୍ଦ୍ର ପାଢ଼ୀ, ମନୋରଞ୍ଜନ ପଣ୍ଡା, ଅରୂପ ସା, ନିର୍ମଳ ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

## ଯୁକ୍ତ ଦୁଇ ପରୀକ୍ଷାରେ କଳିଙ୍ଗ ଟ୍ୟୁଟୋରିଆଲର ସଫଳତା



ବାଲେଶ୍ୱର,୨୨।୫ (ସମିସ): କଳିଙ୍ଗ ଟ୍ୟୁଟୋରିଆଲରେ ଯୁକ୍ତ ଦୁଇ ବିଜ୍ଞାନ ଏବଂ କଳାର ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ବିଭାଗରେ ୫୪ ଜଣଙ୍କ ପିଲାଙ୍କ ମଧ୍ୟରେ ୫୩ ଜଣ ପ୍ରଥମ ଶ୍ରେଣୀରେ, ଜଣେ ଦ୍ୱିତୀୟ ଶ୍ରେଣୀରେ , ତନ୍ମଧ୍ୟରୁ ୧୨ ଜଣ ପିଲା ୯୦ ପ୍ରତିଶତରୁ ଅଧିକ ଏବଂ ୨୭ ଜଣ ପିଲା ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ସେହିଭଳି କଳା ବିଭାଗରେ ୩୯ ପିଲାଙ୍କ ମଧ୍ୟରୁ ୩୭ ଜଣ ପ୍ରଥମ ଶ୍ରେଣୀରେ, ୨ ଜଣ ତନ୍ମଧ୍ୟରୁ ଦ୍ୱିତୀୟ ଶ୍ରେଣୀରେ ୬ ଜଣ ୯୦ ପ୍ରତିଶତରୁ ଅଧିକ, ୨୨ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଯୁକ୍ତ ଦୁଇ ବିଜ୍ଞାନରେ ଏହି ଅନୁଷ୍ଠାନର ଛାତ୍ର ନିହାର ରଞ୍ଜନ ବେହେରା (୫୮୯)(୯୮.୨୭%), ପ୍ରଜ୍ଞା ପାରମିତା ସାହୁ (୫୮୮) (୯୮ପ୍ରତିଶତ) ନମ୍ବର ରଖି ସମଗ୍ର ରାଜ୍ୟରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। ସେହିପରି ଅନନ୍ୟା ପାଲ ୫୮୧(୯୬.୮୩ଧ) ମାର୍କ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରଭାତୀ ପରିଡା ୫୮୦ (୯୬ଧ) ନମ୍ବର ରଖି ଚତୁର୍ଥ, କ୍ରୀଷ୍ଣା ପ୍ରସାଦ ବେହେରା ୫୬୬(୯୪.୩୩%) ମାର୍କ ରଖି ପଞ୍ଚମ, ଆକାଂକ୍ଷା ସାହୁ ୫୬୫(୯୪.୧୫ଧ) ମାର୍କ ରଖି ଷଷ୍ଠ, ରାଜଶ୍ରୀ ଦାସ ୫୬୨(୯୩.୬୬%) ମାର୍କ ରଖି ସପ୍ତମ, ଦିବ୍ୟାଂଶୁ ଦାସ ୫୫୭(୯୨.୮୩%) ରଖି ଅଷ୍ଟମ, ଅନିଶା ଦାସ ୫୫୩(୯୨.୧୬ଧ) ନବମ, ରାଜେଶ କୁମାର ଦାସ ୫୫୨(୯୨%) ରଖି ଦଶମ, ପ୍ରିୟଙ୍କା ନାୟକ ୫୫୦(୯୧.୬୬%) ରଖି ଏକାଦଶ, କିରଣ ରଙ୍ଗ ୫୪୪(୯୦.୬୬ଧ) ରଖି ଦ୍ୱାଦଶ ସ୍ଥାନ ହାସଲ କରିଛନ୍ତି। ସେହିପରି ଯୁକ୍ତ ଦୁଇ କଳା ବିଭାଗରେ ଛାତ୍ରୀ ଜସ୍ମିନ ମହାକୁଡ଼ ୫୬୯(୯୪.୮୩%) ନମ୍ବର ରଖି ଫକୀରମୋହନ ମହାବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସିପ୍ରା ସୁମନ ପରିଡ଼ା ୫୬୭(୯୪.୫ଧ) ଓ ଦୀପ୍ତି ରେଖା ବାରିକ ୫୬୫(୯୪ଧ) ନମ୍ବର ରଖି ସମଗ୍ର ରାଜ୍ୟରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। କ୍ଷୀରାବ୍ଧି ତନୟା ଖଟୁଆ ୫୬୦(୯୩.୩୩%) ରଖି ଚତୁର୍ଥ ସ୍ଥାନ, କାବ୍ୟ ପ୍ରଭା ପୃଷ୍ଟି ୫୫୧(୯୧.୮୩%) ନମ୍ବର ରଖି ପଞ୍ଚମ ସ୍ଥାନ, ପ୍ରାଚୀ ପରମିତା ଦାସ ୫୪୯(୯୧.୫ଧ) ରଖି ଷଷ୍ଠ ସ୍ଥାନ ହାସଲ କରିଛନ୍ତି। ଜିଲ୍ଲାର ସର୍ବାଧିକ ସଂଖ୍ୟକ ଫାଷ୍ଟ କ୍ଲାସ ଏବଂ ସର୍ବାଧିକ ପିଲା ୯୦ ପ୍ରତିଶତ ନମ୍ବର ରଖି ଏହି ଅନୁଷ୍ଠାନର ଗୌରବ ଆଣିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାପାତ୍ର ସମସ୍ତଙ୍କୁ ପ୍ରଶଂସା କରିଛନ୍ତି।

### ବ୍ୟବସାୟିକ ଗ୍ୟାସ ଦର ବୃଦ୍ଧି; ଦୋହଲିଯାଇଛି ସହରର ଖାଦ୍ୟ ବ୍ୟବସାୟ

# ୪୦ ପ୍ରତିଶତ ହୋଟେଲ ଓ ୧୫୦ ଉଠାଦୋକାନ ବନ୍ଦ

ବାଲେଶ୍ୱର,୨୨।୫ (ସମିସ)

ବ୍ୟବସାୟିକ ଏଲପିଜି ସିଲିଣ୍ଡରର ଅସ୍ୱାଭାବିକ ଦର ବୃଦ୍ଧି ଯୋଗୁଁ ବାଲେଶ୍ୱର ସହରର ଖାଦ୍ୟ ବ୍ୟବସାୟ ସମ୍ପୂର୍ଣ୍ଣ ଦୋହଲିଯାଇଛି। ବ୍ୟବସାୟିକ ସିଲିଣ୍ଡର ଦରରେ ଚଳିତ ମାସରେ ବଡ଼ ଧରଣର ବୃଦ୍ଧି ହୋଇଛି, ଯାହା ଦ୍ୱାରା ଏହା ବାଲେଶ୍ୱର ସହରରେ ୩,୦୦୦ ଟଙ୍କାରୁ ଅଧିକ ଅତିକ୍ରମ କରିଛି। ଫଳରେ ଏତେ ଟଙ୍କା ଦେଇ ସିଲିଣ୍ଡର କିଣିବାକୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଅନ୍ୟପଟେ ବାଲେଶ୍ୱର ସହରରେ ହୋଟେଲ, ରେଷ୍ଟୁରାଣ୍ଟ, ଢାବା ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ଗତ ୪୫ ଦିନରେ ବନ୍ଦ ହୋଇଥିବା ସୂଚନା ମିଳିଛି। ଛୋଟ ଦୋକାନ ଯଥା ଷ୍ଟେସନ, ବସଷ୍ଟାଣ୍ଡ, କଲେଜ ରୋଡ୍‌ର ଚା' ଦୋକାନ, ଜଳଖିଆ, ଗୁପଚୁପ୍, ଦହିବରା ଠେଲା ଦୋକାନ ପ୍ରାୟ ୧୫୦ଟି ବନ୍ଦ ହୋଇଥିବା ବେଳେ କିଛି ଦର ବୃଦ୍ଧି କରି ଖାଦ୍ୟ ବିକ୍ରି କରୁଥିବା ଜଣାପଡିଛି। ଆକଳନ ଅନୁଯାୟୀ ଖାଦ୍ୟ ବ୍ୟବସାୟରେ ଦୈନିକ ପ୍ରାୟ ୨ରୁ ୨.୮ କୋଟି ଟଙ୍କାର କାରବାର ଠପ୍ ହୋଇଛି। ବ୍ୟବସାୟିକ ସିଲିଣ୍ଡର ୨୨୫୩ ଟଙ୍କା ଥିଲା। ଏବେ ତାହା ୩୨୪୭ ଟଙ୍କା ସରକାରଙ୍କ ଦର ହୋଇଯାଇଛି। ଏକାଥରେ ଏତେ ଦରବୃଦ୍ଧି ହେବା ଦ୍ୱାରା ଲୋକମାନେ ସିଲିଣ୍ଡର ନେବାକୁ ଅସନ୍ତୋଷ ପ୍ରକାଶ ବି କରୁଛନ୍ତି।



ଏହାବ୍ୟତୀତ କଳାବଜାରୀ ବୃଦ୍ଧି ପାଇଛି। ବିଶେଷକରି ଗାଁରୁ ଆସି ଲୋକମାନେ ନିଜ ଘରର ବୁକିଂ ସିଲିଣ୍ଡର ସହରରେ ଅଧିକ ଦରରେ ବିକ୍ରି ପାଇଁ ଦେଉଛନ୍ତି। ଏବେ

### ଏଜେନ୍ସି ପାଖରେ ଷ୍ଟକ୍ ପଡୁଛି ସିଲିଣ୍ଡର

ଘରୋଇ ଗ୍ୟାସ୍ କଳାବଜାରରେ ବିକ୍ରି ହେଉଛି। ଫଳରେ ବ୍ୟବସାୟିକ ସିଲିଣ୍ଡର ଉପରେ ମାଡ଼ ହେଉଛି। ବର୍ତ୍ତମାନ ଗ୍ୟାସ ଉପଲବ୍ଧ ଅଛି। କେବଳ ଦର ବୃଦ୍ଧି ପାଇଁ ନେଇପାରୁନାହାନ୍ତି। ବୁକିଂ କମିଯାଇଛି। ଆମ ପାଖରେ ପ୍ରତିଦିନ ୫୦-୬୦ ଷ୍ଟକ ରହିଯାଉଛି ବୋଲି ଜନୈକ ଗ୍ୟାସ୍ ଏଜେନ୍ସି ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଥାଉ କି, ବାଲେଶ୍ୱର ଭଳି ବ୍ୟବସାୟିକ ସହରରେ ଗ୍ୟାସ ଦର ବୃଦ୍ଧି କେବଳ ହୋଟେଲ ନୁହେଁ, ପରିବହନ, ପର୍ଯ୍ୟଟନ, ଛାତ୍ରଛାତ୍ରୀଙ୍କ ଜୀବନକୁ ପ୍ରଭାବିତ କରୁଛି। ସପ୍ଲାଏ ଚେନ୍ ଠିକ୍ ନହେଲେ ଦଶହରା-ଦୀପାବଳି ବେଳକୁ ସ୍ଥିତି ବିସ୍ଫୋରକ ହେବା ନେଇ ଆଶଙ୍କା କରାଯାଇଛି।

### ମତାମତ

▷ ବ୍ୟବସାୟିକ ସିଲିଣ୍ଡର ଦର ବୃଦ୍ଧି ପରେ ଆମକୁ ପୂର୍ବ ଅପେକ୍ଷା ସପ୍ଲାଏ ମିଳୁନାହିଁ। ଆମ ପାଇଁ ପ୍ରତିବନ୍ଧକ ରହିଛି। ଏପଟେ ବାଲେଶ୍ୱରରେ ୩୦-୪୦ ପ୍ରତିଶତ ହୋଟେଲ, ରେଷ୍ଟୁରାଣ୍ଟ ଆଦି ବନ୍ଦ ହୋଇଯାଇଛି। ପ୍ରଥମେ ସପ୍ଲାଏ ପାଇଁ ବନ୍ଦ ହୋଇଥିଲା, ଏବେ ଦର ବୃଦ୍ଧି ପାଇଁ ବି କିଛି ହୋଟେଲ, ରେଷ୍ଟୁରାଣ୍ଟ ବନ୍ଦ ହୋଇଛି। ଗ୍ୟାସ ସହ କ୍ଷୀର, ଛେନା ଆଦିର ଦର ବୃଦ୍ଧି ହୋଇଛି। ତେଣୁ ଏହାକୁ ଦୃଷ୍ଟିରେ ରଖିଲେ ଆମେ ହଠାତ୍ ବି ଖାଦ୍ୟର ଦର ବୃଦ୍ଧି କରିପାରିବାନି।

**ସରୋଜ ବୋଧନବାଲା, ବାଲେଶ୍ୱର ହୋଟେଲ ଆସୋସିଏସନ୍ ସଭାପତି**

▷ ଗ୍ୟାସ ସଙ୍କଟ କିଛି ନାହିଁ। ଆମର ୪୩ଟି ପଏଣ୍ଟରେ ସବୁ ଜାଗାରେ ଗ୍ୟାସ୍ ଷ୍ଟକ୍ ରହିଛି। କଳାବଜାର ତ ନାହିଁ। କଳାବଜାରୀ ହିସାବରେ ଓଡ଼ିଶାରେ ସର୍ବାଧିକ ଆମେ ୧୨୫୨ ସିଲିଣ୍ଡର ସିଜ୍ କରିଛୁ। ଆମ ପାଖରେ ଖବର ଥିଲେ ଆମେ ଚଢ଼ଉ କରୁଛୁ। ବ୍ୟବସାୟିକ ସିଲିଣ୍ଡର ସଙ୍କଟ ନେଇ ଆମ ପାଖରେ ଖବର ନାହିଁ।

**ନରସିଂହ ପଣ୍ଡା, ସିଏସଓ, ବାଲେଶ୍ୱର**

▷ ମୋ ହୋଟେଲରେ ଦିନକୁ ୩ଟା ସିଲିଣ୍ଡର ସରେ। ଏବେ ଦର ବୃଦ୍ଧି ପରେ ସିଲିଣ୍ଡର କଣିବା ସମ୍ଭବପର ହେଉନାହିଁ। ମାସକୁ ଅଧିକ ଟଙ୍କା କେବଳ ଗ୍ୟାସରେ ଯାଉଛି। କର୍ମଚାରୀ ଦରମା, ଭଡା, ରାସନ ମିଶାଇଲେ ଲାଭ ଶୂନ। ବାଧହୋଇ ଦୋକାନ ବନ୍ଦ କରିବାକୁ ହେଲା। ୮ ଜଣ ପିଲାଙ୍କ ଚାକିରି ଗଲା।

**ପ୍ରଦୀପ ଦାସ, ହୋଟେଲ ମାଲିକ, ଷ୍ଟେସନ ରୋଡ୍**

▷ ଘରୋଇ ସିଲିଣ୍ଡର ଦର ବୃଦ୍ଧି ହୋଇଯାଇଛି। ଫଳରେ ତାହା କିଣିବା ଆମ ପାଇଁ କଷ୍ଟକର ହୋଇ ପଡୁଛି। ବାଧହୋଇ ଗୁପଚୁପ୍ ଦର ବୃଦ୍ଧି କଲି, ଗ୍ରାହକ ଗାଳି ଦେଇ ଚାଲିଯାଉଛନ୍ତି।

**ଗୀତା ମହାନ୍ତି, କଲେଜ ଛକ, ଠେଲା ଦୋକାନୀ**

▷ ଯେଉଁମାନେ ବରା, ପିଆଜି ଜଳଖିଆ ରାସ୍ତା କଡ଼ରେ ବିକ୍ରି କରୁଥିଲେ ପ୍ରାୟ ୧୫୦ ଦୋକାନ ବନ୍ଦ ହୋଇଯାଇଛି। ଆଉ ଯେଉଁମାନଙ୍କର ଦୋକାନ ଚାଲିଛି ସେମାନେ ଖାଦ୍ୟର ଦର ବୃଦ୍ଧି କରି ବିକ୍ରି କରୁଛନ୍ତି। ଯେଉଁ ବରା ଆମେ ୫ ଟଙ୍କାରେ କିଣୁଥିଲୁ ତାହା ଏବେ ୧୦ ଟଙ୍କା ହୋଇଗଲାଣି। ଅର୍ଥାତ୍ ଦରବୃଦ୍ଧି ପରେ ବ୍ୟବସାୟୀଙ୍କ ସହ ସାଧାରଣ ଲୋକଙ୍କ ଉପରେ ଚାପ ପଡିବା ଆରମ୍ଭ ହୋଇଗଲା।

**ଜୟନ୍ତ ଦାସ, ସଭାପତି, ବାଲେଶ୍ୱର ପଥବିକ୍ରେତା ସଙ୍ଘ**

## ମାସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର, ୨୨।୫ (ସମିସ) : ମାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପକ୍ଷରୁ ଆଜି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭଂଜ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ତହସିଲଦାର ସତ୍ୟଜିତ୍ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀମାନେ ପାଠପଢା ସହିତ ଜ୍ଞାନ ଓ ପ୍ରଜ୍ଞାର ସଦ୍‌ଉପଯୋଗ କରିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ କମଳା ଚକ୍ରବର୍ତ୍ତୀ, ପ୍ରାକ୍ତନ ଅଧକ୍ଷ ଡ. ରମାକାନ୍ତ ଭଂଜ, ପ୍ରାକ୍ତନ ଏବିଇଓ ବନମାଳୀ ଧଳ, ଶିକ୍ଷକ ଗୌରୀଶଙ୍କର ଗିରି ଯୋଗଦେଇ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ସଭାପତି ପ୍ରାକ୍ତନ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ଅଧିକାରୀ ସଭାପତିତ୍ୱ କରିଥିବାବେଳେ ସଂପାଦକ ଆଦିକନ୍ଦ ଦାସ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ମୋଟ ୬୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୬ଜଣ ପ୍ରଥମ ଶ୍ରେଣୀରେ, ୮ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରି ଶତ ପ୍ରତିଶତ କୃତକାର୍ଯ୍ୟ ହୋଇଥିବାରୁ ସମସ୍ତ ଶିକ୍ଷକ, ଶିକ୍ଷାକର୍ମଚାରୀ ଓ ଉପଦେଷ୍ଟାଙ୍କୁ ଶ୍ରେୟ ଦେଇଥିଲେ।

## ଗୌରବ ଆଣିଲେ ତନ୍ମୟୀ

ଖଇରା, ୨୨।୫ (ସମିସ): ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୫୭୧ନଂ ରଖି ଗ୍ରାମ ଓ ପଞ୍ଚାୟତ ପାଇଁ ଗୌରବ ଆଣିଛନ୍ତି। ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅନ୍ତର୍ଗତ ସାରଡାଙ୍ଗ ଫଚାୟତ ର ଅରଖପଦା ଗ୍ରାମର ବାପା ଲକ୍ଷ୍ମୀକାନ୍ତ ବାରିକ, ମା ମଧୁସ୍ମିତା ଖିଲାରଙ୍କ ଝିଅ ତନ୍ମୟୀ ବାରିକ ଯାଜପୁର ରୋଡ଼ ସ୍ଥିତ କଲେଜରେ ବିଜ୍ଞାନ ବିଭାଗ ଛାତ୍ରୀ ଭାବେ ଅଧ୍ୟକ୍ଷନ କରୁଥିଲେ। ଚଳିତ ବର୍ଷ ପରୀକ୍ଷାରେ ୬୦୦ ନଂ ରୁ ୫୭୧ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କର ସଫଳତା ପରେ ଗ୍ରାମ ଓ ଫଚାୟତ ରୁ ଲୋକ ମାନଙ୍କର ସୁଅ ଛୁଟିଥିଲା। ଏହି ସଫଳତା ପଛ ରେ ପରିବାର ଲୋକ ମାନଙ୍କ ସହ ଅଂଚଳବାସୀଙ୍କ ଆର୍ଶୀବାଦ ଥିଲା ବୋଲି ତନ୍ମୟୀ ପ୍ରକାଶ କରିଥିଲେ। ଆଗକୁ ଡାକ୍ତର ହୋଇ ଅଞ୍ଚଳରେ ସେବା କରିବା ନେଇ ପ୍ରକାଶ କରିଥିଲେ।



## ନେତୁଆ ପଞ୍ଚାୟତ ପାଇଁ ସୁନାମ ଆଣିଲେ ଦୀପିକା, ଗୁରୁକୃଷ୍ଣ

ଜଳେଶ୍ୱର,୨୨।୫ (ସମିସ) : ମନୋରଞ୍ଜନ ସୀମାନ୍ତ ଉଚ୍ଚ ବିଦ୍ୟାଳୟ କମାରଶାଳିଆ ପରିସର ମଧ୍ୟରେ ଚଳିତ ବର୍ଷ ୨୦୨୬ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଜଳେଶ୍ୱର ବ୍ଲକ ସ୍ଥିତ ନେତୁଆ ପଞ୍ଚାୟତର ଦୀପିକା ରାଉଳ ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟରେ ୫୪୭ ମାର୍କ ତଥା ୯୨% ରଖି କଲେଜରେ ଟପର୍ ହୋଇଥିଲେ ଏବଂ ସେହି ପଞ୍ଚାୟତ ଆଡ଼ିନଗା ଗ୍ରାମର +୨ ବିଜ୍ଞାନ ବିଭାଗର ଗୁରୁକୃଷ୍ଣ ମହାପାତ୍ର ବାଲେଶ୍ୱର ଜିଲ୍ଲା ଫକୀର ମୋହନ ମହାବିଦ୍ୟାଳୟରୁ ୫୭୧,୯୫ଧ ମାର୍କରଖି କୃତିତ୍ୱ ଅର୍ଜନ କରିଥିବାରୁ ଆଜି ମନୋରଞ୍ଜନ ସୀମାନ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତୀଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ସଂଯୋଜକ ଶିକ୍ଷକ ରଣଜିତ କୁମାର ହୁଇ ସେମାନଙ୍କର ଉଜ୍ୱଳ ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟଶିକ୍ଷକ ମଧ୍ୟରେ ବିଜ୍ଞାନ ଶିକ୍ଷକ ଅରବିନ୍ଦ ସାମଲ,ଗଣିତ ଶିକ୍ଷକ ବିଷ୍ଣୁପଦ ଦାସ,ହିନ୍ଦୀ ଶିକ୍ଷକ ରଣଜିତ ହୁଇ, କ୍ରୀଡ଼ା ଶିକ୍ଷକ ହେମନ୍ତ କୁମାର କର, ପୂର୍ବତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଦତ୍ତ, ଅଣଶିକ୍ଷକ କର୍ମଚାରୀ ଧନଞ୍ଜୟ ସିଂହ,ଅନନ୍ତ କୁମାର ପରିଡ଼ା, ସନାତନ ହୁଇ, ରବୀନ୍ଦ୍ର ନାଥ ହୁଇ, ମାନସ ଗୋଛାୟତ,ଗୌରୀ ଶଙ୍କର ଦାସ ପ୍ରମୁଖ ଯୋଗଦେଇ ଶିକ୍ଷାର୍ଥୀଙ୍କ ମଙ୍ଗଳ କାମନା କରିଥିଲେ। ସେହିପରି ଚଳିତ ମାଟ୍ରିକ ପରୀକ୍ଷାରେ ଏ୧ରେ ୫୪୦ ମାର୍କରଖି ଉତ୍ତୀର୍ଣ୍ଣ ଛାତ୍ର ବିଷ୍ଣୁପଦ ଶତପଥି ,ଓପିଏସସି ରେ ଉକ୍ତ ପଞ୍ଚାୟତର ମିନାକ୍ଷୀ ହୁଇ ୫୬ ରେଙ୍କ୍ ରଖି ଏବଂ ଅମିର କୁମାର ରାଉଳ ୭୬ ରେଙ୍କ୍ ରଖି ସରକାରୀ କଲେଜରେ ଅଧ୍ୟାପକ ପାଇଥିବାରୁ ପରିଚାଳନା କମିଟିର ସଦସ୍ୟ ଶରତ କୁମାର ପରିଡ଼ା, ବିଜୟ କୁମାର ମହାନ୍ତି, ସୁଧୀର କର, ବସନ୍ତ ପରିଡ଼ା, ପ୍ରବୀର ରାଉଳ, ବୈରାଗୀ ଚରଣ ସେଠୀ, ପୂର୍ବତନ ସରପଞ୍ଚ ମମତା ରାଣୀ ହୁଇ ଅଭିନନ୍ଦନ ଜଣାଇଥିଲେ।



## ଚାଉଳ ହେରଫେର ଅଭିଯୋଗ ପରେ ହେଲା ଯାଞ୍ଚ

କାଳିପଦା, ୨୨।୫ (ସମିସ): ପିଡିଏସ୍ ଚାଉଳ ହେରଫେର ହୋଇଥିବା ଅଭିଯୋଗର ଆଜି ଯାଞ୍ଚ ହୋଇଛି। ଯାଞ୍ଚରୁ ସମସ୍ତ ୪୨୪ କୁଇଣ୍ଟାଲ ଚାଉଳ ବ୍ୟାଗ ଠିକ ଥିବା ଜଣା ପଡିଛି। ଫଳରେ ରିଟେଲରଙ୍କୁ କ୍ଲିନ ଚିଟ ମିଳିଛି। ଏହି ମିଳିତ ଯାଞ୍ଚ ଟିମରେ ବିଡ଼ିଓ ରାଧା ରଞ୍ଜନ ଦାସ, ପଞ୍ଚାୟତ ପିଇଓ କରୁଣାକର ଜେନା, ଡ଼ବ୍ଲ୍ୟୁ ଇ ଓ ଉଦିତ ମହାପାତ୍ର, ଯୋଗାଣ ଅଧିକାରୀ ବିଷ୍ଣୁ ମୋହନ ମହାରଣା ପ୍ରମୁଖ ସାମିଲ ହୋଇଥିଲେ। ପ୍ରକାଶ ଥାଉ କି ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ରିଟେଲର ହିମାଂଶୁ ଭୂୟାଁ ଦୀର୍ଘ ଦିନ ହେବ ତାଙ୍କ ଘରେ ଏକ ସରକାରୀ ରିଟେଲର ଡେଲିଭରି ପଏଣ୍ଟ କରିଥିଲେ। କେତେକ ମୁଷ୍ଟିମେୟ ଲୋକ ତାଙ୍କୁ ଚାନ୍ଦା ମାଗି ନିରାଶ ହେବାରୁ ପିଡିଏସ୍ ଚାଉଳ ରିଟେଲର ହେରଫେର କରୁଥିବା ନେଇ ବିଡ଼ିଓ, ଯୋଗାଣ ଅଧିକାରୀ, ଜିଲ୍ଲାପାଳ ପ୍ରମୁଖଙ୍କ ଠାରେ ଅଭିଯୋଗ କରିଥିଲେ। ରିଟେଲର ହିମାଂଶୁ ତାଙ୍କ ଘରେ ଥିବା ଗୋଦାମ ଘର ଏହି ଅବସରରେ ମରାମତି କରୁଥିବାରୁ ଚାଉଳ ସମସ୍ତ ଅସ୍ଥାୟୀ ଭାବେ ନିକଟବର୍ତ୍ତୀ ଖାଲପାଖ ଜଗନ୍ନାଥ ଭୋଗ ମଣ୍ଡପରେ ରଖିଥିଲେ। ଅଭିଯୋଗ ପରେ ହିମାଂଶୁ ସମସ୍ତ ଚାଉଳ ନିଜ ଘର ଗୋଦାମ ଘରକୁ ଫେରାଇ ଆଣିଥିଲେ। ଏହି ମିଥ୍ୟା ଆରୋପ ଆଣିଥିବା ମୁଷ୍ଟିମେୟଙ୍କ ବିରୋଧରେ ହିମାଂଶୁ କୋର୍ଟରେ ମାନହାନୀ ମାମଲା କରିବେ ବୋଲି ପ୍ରକାଶ କରିଛନ୍ତି।

## ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ




ବାଲେଶ୍ୱର,୨୨।୫ (ସମିସ): ସାମାଜିକ ସଂଗଠନ ମୁନ କମ୍ୟୁନିକେସନ ତରଫରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଯାଇଛି। ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଏକ ମହିଳା ସାଇକେଲ ରାଲି ରଣସାହି, ଗୁଡୁ, ହିଡିଗାଁ ପରିକ୍ରମା କରିଥିଲା। ଅତିଥି ଭାବେ ପଙ୍କଜିନୀ ଦାସ, ମମତା ବେହେରା, ଶିକ୍ଷୟିତ୍ରୀ ସବିତା ନାୟକ ମହିଁଷାଳୀ ମୁହାଁଣରେ ନୀଳରକ୍ତ କଙ୍କଡା ସୁରକ୍ଷା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ସଚେତନ କରାଇଥିଲେ। ଶେଷରେ ସଭିଙ୍କୁ ବିଶ୍ୱବ୍ୟାପି ପ୍ରଭାବ ପାଇଁ ସ୍ଥାନୀୟ ସ୍ତରରେ କାର୍ଯ୍ୟ ଚାଲୁ ରଖିବା ସହ କେବଳ ମନୁଷ୍ୟ ପାଇଁ ଜୈବ ବିବିଧତା ନଷ୍ଟ ହେଉଥିବାରୁ ସେମାନଙ୍କ ମଧ୍ୟରେ ଜୈବ ବିବିଧତା ସୁରକ୍ଷା ପାଇଁ ଶପଥ ପାଠ କରାଯାଇଥିଲା। ବିଭିନ୍ନ ପଂଚାୟତରୁ ପୁଷ୍ପିତା ମଲ୍ଲିକ, ସୌମ୍ୟ ଶଭନା ନାୟକ, ନନ୍ଦିନୀ ମଲ୍ଲିକ, ଶ୍ରଦ୍ଧା ଦାସ, ସୁଲୋଚନା ଦାସ, ସୁସ୍ମିତା ସିଂହ, ନିରୁପମା ବେହେରା ସ୍ମୃତିରେଖା ମଲ୍ଲିକ, ସସ୍ମିତା ମଲ୍ଲିକ, ରେଖା ମଲ୍ଲିକ, ମମତା ବେହେରା, ପ୍ରମିଳା ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜମିବାଡ଼ି ବିବାଦରୁ ବାପାକୁ ହାଣିଲା ପୁଅ

ସୋର, ୨୨।୫ (ସମିସ): ସୋର କୋର୍ଟ ସମ୍ମୁଖରେ ଜମିବାଡ଼ି ବିବାଦକୁ ନେଇ ବାପାକୁ ଗୋଡେଇ ଗୋଡେଇ ତେଲେଙ୍ଗା କଟୁରିରେ ଦୁଇ ପୁଅ ହାଣିଥିବା ବେଳେ ବାପା ଗୁରୁତର ଆହତ ହୋଇ ଡ଼ାକ୍ତରଖାନାରେ ଭର୍ତି ହୋଇଥିବା ଜଣାପଡିଛି। ସୋର ପୌର ପାଳିକା ଅନ୍ତର୍ଗତ ତୁଣ୍ଡପଡା ଗ୍ରାମର ଗଣେଶ ବାରିକ (୪୫) ତାଙ୍କ ଜମିରୁ ଭାଗ ନଦେବାରୁ ଦୀର୍ଘଦିନ ଧରି ବାପା ଓ ଦୁଇ ପୁଅଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଆଜି ମଧ୍ୟାହ୍ନରେ ବଡ଼ପୁଅ କିରଣ କୁମାର ବାରିକ (୨୩) ଓ ସାନପୁଅ କ୍ଷୀରୋଦ କୁମାର ବାରିକ (୧୯) ଗଣେଶଙ୍କୁ ସୋର କୋର୍ଟ ନିକଟକୁ ଡକାଇଥିଲେ। ସେଠାରେ ଜମିବାଡ଼ି ବିବାଦରୁ ବଚସା ହେବା ପରେ ଦୁଇ ପୁଅ ବାପା ଗଣେଶଙ୍କୁ ଏକ ତେଲେଙ୍ଗା କଟୁରିରେ ଆକ୍ରମଣ କରିଥିଲେ। ଏଥିରେ ଗଣେଶ ଗୁରୁତର ଆହତ ହୋଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି। ସାନପୁଅ କ୍ଷୀରୋଦକୁ ସ୍ଥାନୀୟ ଲୋକେ କାବୁ କରି ସୋର ପୁଲିସକୁ ହସ୍ତାନ୍ତର କରିଥିବାବେଳେ ବଡ଼ପୁଅ କିରଣ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି।




## ବିଜ୍ଞାନରେ ଅଭିଜିତ, କଳାରେ ସୁସ୍ମିତା ଓ ବାଣିଜ୍ୟରେ ସତ୍ୟବ୍ରତ ଭୋଗରାଇ ଟପ୍ପର

### ଯୁକ୍ତ ଦୁଇ ପରୀକ୍ଷା ଫଳ

ଚନ୍ଦନେଶ୍ୱର, ୨୨।୫ (ସମିସ): ଚଳିତ ୨୦୨୬ ମସିହାର ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଭୋଗରାଇ ଅଞ୍ଚଳର ବିଭିନ୍ନ ଉଚ୍ଚ ମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ବିଜ୍ଞାନ, କଳା ଓ ବାଣିଜ୍ୟ ତିନୋଟି ବିଭାଗରେ ଛାତ୍ରଛାତ୍ରୀମାନଙ୍କ ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିଛି। ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ବିଜ୍ଞାନ ବିଭାଗର ଛାତ୍ର ଅଭିଜିତ ଜେନା ୬୦୦ରୁ ୫୬୭ ନମ୍ବର ରଖି ଭୋଗରାଇ ବ୍ଲକ ଟପ୍ପର ହୋଇଛନ୍ତି। ସେ ମାହାଦିଆ ଗ୍ରାମର ସୁଜିତ ଜେନା ଓ ବନ୍ଦନା ଜେନାଙ୍କ ପୁଅ। ତାଙ୍କର ଏହି ସଫଳତାରେ ପରିବାର ସହ ଗ୍ରାମବାସୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସେହିପରି ସେହି ପ୍ରତିଷ୍ଠାନର ସୁଦର୍ଶନ ବେହେରା ୫୫୮ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ଅଜିତ କୁମାର ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଜ୍ଞାନ ବିଭାଗର ଏହି ସଫଳତା ପଛରେ ଶିକ୍ଷକମାନଙ୍କ ନିଷ୍ଠା ଓ ଛାତ୍ରଛାତ୍ରୀଙ୍କ ଅନୁଶାସିତ ପରିଶ୍ରମ ମୁଖ୍ୟ କାରଣ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ବାଣିଜ୍ୟ ବିଭାଗରେ ସତ୍ୟବ୍ରତ ପ୍ରଧାନ ୪୭୨ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେ ନିମାତପୁର ପଞ୍ଚାୟତର ମିର୍ଜାପୁର ଗ୍ରାମର ସୁଶାନ୍ତ ପ୍ରଧାନ ଓ ସରସ୍ୱତୀ ପ୍ରଧାନଙ୍କ ପୁଅ। ତାଙ୍କ ସଫଳତାରେ ପରିବାର ସହ ସମଗ୍ର ଅଞ୍ଚଳରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ସେହିପରି ସଞ୍ଜୀବ ଦାସ ୪୬୫ ନମ୍ବର ସହ ଦ୍ୱିତୀୟ ଏବଂ ବର୍ଷା ରାଣୀ ଦତ୍ତ ୪୫୭ ନମ୍ବର ସହ ତୃତୀୟ ସ୍ଥାନରେ ରହିଛନ୍ତି। କଳା ବିଭାଗରେ ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁସ୍ମିତା ପ୍ରଧାନ ୫୬୭ ନମ୍ବର ରଖି ଭୋଗରାଇ ଅଞ୍ଚଳର କଳା ବିଭାଗ ଟପ୍ପର ହୋଇଛନ୍ତି। ସେ ମାଟିଖିନା ଗ୍ରାମର ପ୍ରଶାନ୍ତ ପ୍ରଧାନ ଓ ରଞ୍ଜିତା ପ୍ରଧାନଙ୍କ ଝିଅ। ସେହି ବିଦ୍ୟାଳୟର ମୌସୁମୀ କର ଓ ମୋହେକ ଖାତୁନ ଉଭୟେ ୫୬୨ ନମ୍ବର ରଖି ସଂଯୁକ୍ତ ଭାବେ ଦ୍ୱିତୀୟ ସ୍ଥାନରେ ଥିବାବେଳେ ସାଇରାତୁନ ଖାତୁନ ୫୫୩ ନମ୍ବର ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି।



